Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 23

ସାପ୍ତାହିକ ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 08 ଜୁନ୍ 2017 08 ଏହସାନ୍ 1396 ହି.ଶ 12 ରମଜାନ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ଅଲ୍ଲାଃ ହେଉଛନ୍ତି ସତ୍ ଆନନ୍ଦର ସ୍ରୋତ ।**

**ଯଦି ତୁମେ ଖୁଦାଙ୍କ ଠାରୁ ସାହାଯ୍ୟ ନ ମାଗିବ ଏବଂ ତା ଠାରୁ ଶକ୍ତି ମାଗିବାକୁ ନିଜର ନିୟମ ନ ବନାଇବ ତେବେ ତୁମେ କୌଣସି ପ୍ରକାରର ସଫଳତା ହାସଲ କରିପାରିବ ନାହିଁ । ଶେଷରେ ବହୁତ ସନ୍ତାପ କରି ମରିବ । ଖୁଦା ତୁମର ସମସ୍ତ ଉପାୟର ମୂଳ ଖୁଂଟ (ଶହତିର୍) ଅଟନ୍ତି । ଯଦି ଏ ଖୁଂଟ ପଡ଼ିଯାଏ ତେବେ ଶେଣୀ ଗୁଡିକ କଣ ଛାତରେ ରହିପାରିବେ ? ନୁହେଁ ! ବରଂ ସବୁତକ ପଡ଼ିଯିବେ । ଏବଂ ସମ୍ଭାବନା ମଧ୍ୟ ଅଛି ଯେ ତାଦ୍ୱାରା ବହୁତ ଲୋକ ଲହୁଲୁହାଣ ହୋଇଯିବେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ତୁମେ ସତ୍ୟବାଦୀ ସେତେବେଳେ ହେବ ଯେତେବେଳେ ତୁମେ ଏପରି ହୋଇଯିବ ଯେ ତୁମେ ପ୍ରତ୍ୟେକ କାର୍ଯ୍ୟ ସମୟରେ, ପ୍ରତ୍ୟେକ କଠିନ ପରିସ୍ଥିତିରେ କୌଣସି ଉପାୟ ଚିନ୍ତା କରିବା ପୂର୍ବରୁ ନିଜ (ବୁଦ୍ଧିର) ଦ୍ୱାରକୁ ବନ୍ଦ୍ କରିଦିଅ ଓ ଖୁଦାଙ୍କ ଦରବାରରେ ପଡ଼ିଯାଇ କୁହ ଯେ ଆମେ ଏପରି କଷ୍ଟର ସମ୍ମୁଖୀନ ହୋଇଅଛୁ । (ହେ ଅଲ୍ଲାଃ!) ତୁମେ ଆମକୁ ନିଜ କୃପା ଦ୍ୱାରା ଏ କଷ୍ଟରୁ ଉଦ୍ଧାର କର । ତେବେ ଯାଇ ରୁହୁଲ୍ କୁଦୁସ୍ ତୁମର ସାହାଯ୍ୟ କରିବେ, ଏବଂ ଶୂନ୍ୟରୁ ତୁମ ପାଇଁ କୌଣସି (ସମାଧାନର ରାସ୍ତା) ରାସ୍ତା ଖୋଲିଦିଆଯିବ । ନିଜ ଜୀବନ ଉପରେ ଦୟା କର ଓ ଯେଉଁଲୋକମାନେ ଖୁଦାଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଯାଇଛନ୍ତି ଏବଂ ପୁରାପୁରି ଆସବାବ (ଉପକରଣ) ଉପରେ ପଡ଼ିରହିଛନ୍ତି, ଏପରିକି ଶକ୍ତି ମାଗିବା ପାଇଁ ମୁହଁରୁ ଇନ୍‌ଶାଅଲ୍ଲାଃ ମଧ୍ୟ ବାହାର କରୁନାହାଁନ୍ତି । ତାଙ୍କର ଅନୁସରଣ କରନାହିଁ । ଖୁଦା ତୁମ ଆଖି ଖୋଲିଦେଉ ଫଳତଃ ତୁମେ ଜାଣିପାରିବ ଯେ ତୁମର ଖୁଦା ତୁମର ସମସ୍ତ ଉପାୟର ମୂଳଖୁଂଟ ଅଟନ୍ତି । ଯଦି ଏ ଖୁଂଟ ପଡ଼ିଯାଏ ତେବେ ଶେଣୀ ଗୁଡିକ କଣ ଛାତରେ ରହିପାରିବେ ? ନୁହେଁ ! ବରଂ ସବୁତକ ପଡ଼ିଯିବେ । ଏବଂ ସମ୍ଭାବନା ମଧ୍ୟ ଅଛି ଯେ ତାଦ୍ୱାରା ବହୁତ ଲୋକ ଲହୁଲୁହାଣ ହୋଇଯିବେ । ସେହିପରି ତୁମର ଉପାୟ ଗୁଡିକୁ ଖୁଦାଙ୍କ ସାହାଯ୍ୟ ବିନା ତିଷ୍ଠି ପାରିବ ନାହିଁ । ଯଦି ତୁମେ ଖୁଦାଙ୍କ ଠାରୁ ସାହାଯ୍ୟ ନ ମାଗିବ ଏବଂ ତା ଠାରୁ ଶକ୍ତି ମାଗିବାକୁ ନିଜର ନିୟମ ନ ବନାଇବ ତେବେ ତୁମେ କୌଣସି ପ୍ରକାରର ସଫଳତା ହାସଲ କରିପାରିବ ନାହିଁ । ଶେଷରେ ବହୁତ ସନ୍ତାପ କରି ମରିବ । ଏପରି ଭାବନ୍ତୁ ନାହିଁ ଯେ ଅନ୍ୟ କୌମ୍ (ଜାତି) କାହିଁକି ସଫଳତା ଲାଭ କରୁଛନ୍ତି । ଯଦ୍ୟପି ସେମାନେ ଉକ୍ତ ଖୁଦାକୁ ଜାଣି ନାହାଁନ୍ତି ମଧ୍ୟ ଯେ ତୁମର ସେହି ପୂର୍ଣ୍ଣ ଓ ପ୍ରଭୁତ୍ୱଶାଳୀ ଖୁଦା ଅଟନ୍ତି । ଏହାର ଉତର ଏପରି ଅଟେ ଯେ ସେମାନେ ଖୁଦାଙ୍କୁ ଛାଡ଼ିଦେବା ଦ୍ୱାରା ସାଂସାରିକ ପରୀକ୍ଷାରେ ପଡ଼ିଯାଇଛନ୍ତି । ଖଦାଙ୍କ ପରୀକ୍ଷା ଏପରି ମଧ୍ୟ ହୋଇଥାଏ ଯେ ଯେଉଁବ୍ୟକ୍ତି ତାଙ୍କୁ ଛାଡ଼ିଦିଏ ଏବଂ ଦୁନିଆର ମାଦକତା ଓ ଆସ୍ୱାଦ ସହିତ ମନ ଲଗାଇଥାଏ ଓ ସାଂସାରିକ ଧନ ସମ୍ପତିର ପିପାସୁ ହୋଇଥାଏ ତେବେ ଏ ଦୁନିଆର ଦ୍ୱାର ତା ପାଇଁ ଖୋଲା ରହିଥାଏ । କିନ୍ତୁ ତାର ଧାର୍ମିକ ଅବସ୍ଥା ସମ୍ପୂର୍ଣ୍ଣ ଦରିଦ୍ର ଓ ଲଙ୍ଗଳା ହୋଇଥାଏ । ସେ ପରିଶେଷରେ ସାସାରିକ ଚିନ୍ତାରେ ମରିଯାଏ ଓ ସବୁବେଳ ପାଇଁ ତାକୁ ନର୍କରେ ଫିଙ୍ଗି ଦିଆଯାଏ । ବେଳେବେଳେ ଏପରି ମଧ୍ୟ ପରୀକ୍ଷା ହୋଇଥାଏ ଯେ ସାଂସାରିକ ଅବସ୍ଥାରେ ମଧ୍ୟ ଅସଫଳତା ଲାଭ

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ହୋଇଥାଏ । କିନ୍ତୁ ପରବର୍ତୀ ଅବସ୍ଥାଟି ସେପରି ବିପଦ ନୁହେଁ ଯେପରି ପୂର୍ବ ବର୍ଣ୍ଣିତ ଅବସ୍ଥାଟି ବିପଦପୂର୍ଣ୍ଣ । କାରଣ ପ୍ରଥମ ପରୀକ୍ଷାର୍ଥୀ ଜଣକ ବହୁତ ଗର୍ବୀ । ସେ ଯାହା ହେଉ ନା କାହିଁକି ଏହି ଦୁଇ ଗୋଷ୍ଠୀ **ମଗ୍‌ଜୁବୁ ଆଲୈହିମ୍** ଅଟନ୍ତି । ଲୋକମାନେ ସେହି **ହୟୁ ଓ କୟୁମ୍** (ସର୍ବଦା ଜୀବନ୍ତ ଓ ପ୍ରତିଷ୍ଠିତ) ଖୁଦାଙ୍କ ବିଷୟରେ  ବେଖବର ନୁହଁନ୍ତି ବରଂ ବେପରୁଆ ଅଟନ୍ତି ଏବଂ ତାଠାରୁ ମୁହଁ ଫେରାଇ ଦେଉଛନ୍ତି । ତେବେ ତାଙ୍କୁ ବାସ୍ତବିକ ଆନନ୍ଦ କେଉଁଠୁ ମିଳିପାରିବ । ମୁବାରକ୍ (ଶୁଭେଚ୍ଛା) ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଏହି ଭେଦକୁ ବୁଝି ନେଇଛନ୍ତି । ଏବଂ ସେ ବ୍ୟକ୍ତି ହଲାକ୍ (ନିଃଶେଷ) ହୋଇଗଲା ଯିଏ ଏହି ଭେଦକୁ ବୁଝି ପାରିଲା ନାହିଁ । ତେଣୁ ତୁମେ ଏ ସାଂସାରିକ ଦୁନିଆର ଦାର୍ଶନିକଙ୍କ ପଦାଙ୍କ ଅନୁସରଣ କରନାହିଁ ଓ ତାଙ୍କୁ ସମ୍ମାନିତ ଆଖିରେ ଦେଖନାହିଁ । ଏହା ସବୁ ମୁର୍ଖତା ଅଟେ । ସତ୍ ଦର୍ଶନ ତାହା ଯାହା ତୁମକୁ ତୁମର ଖୁଦା ନିଜ ବାଣୀରେ ଶିଖାଇଛନ୍ତି । ଯେଉଁମାନେ ଏହି ସାଂସାରିକ ଦର୍ଶନର ପ୍ରେମୀ ସେମାନେ ନିଃଶେଷ ହୋଇଗଲେ । ଏବଂ ଯେଉଁମାନେ ସତ୍‌ଶିକ୍ଷା ଓ ସତ୍ ଦର୍ଶନକୁ ଖୁଦାଙ୍କ ପୁସ୍ତକରେ ଖୋଜି ପାଇଲେ ସେମାନେ ସଫଳ ହେଲେ । ମୁର୍ଖତାର ରାସ୍ତାରେ କାହିଁକି ଚାଲୁଛ । କଣ ତୁମେ ଖୁଦାଙ୍କୁ ସେହି କଥା ଶିଖାଇବ ଯାହା ତାକୁ ଅଜଣା । ତୁମେ କଣ ଅନ୍ଧଙ୍କ ପଛରେ ଧାଉଁଛ ଯେ ସେ ତୁମକୁ ରାସ୍ତା ଦେଖାଇବ ? ହେ ନିର୍ବୋଧ ମାନେ ! ଯିଏ ନିଜେ ଅନ୍ଧ ସେ ତୁମକୁ କି ରାସ୍ତା ଦେଖାଇବ । ବରଂ ସତ୍ ଦର୍ଶନ ରୁହୁଲ୍ କୁଦୁସ୍‌ଙ୍କ ଦ୍ୱାରା ହାସଲ ହୁଏ । ଯାହାର ପ୍ରତିଶୃତି ତୁମକୁ ଦିଆଯାଇଛି । ତୁମେ ଆତ୍ମା ମାଧ୍ୟମରେ ସେହି ପବିତ୍ର ଜ୍ଞାନ ପର୍ଯ୍ୟନ୍ତ ପହଂଚିପାରିବ ଯେଉଁ ପର୍ଯ୍ୟନ୍ତ ଅନ୍ୟମାନେ ପହଂଚିପାରିନାହାଁନ୍ତି । ଯଦି ସତ୍ୟତାର ସହିତ ମାଗିବ ତେବେ ପରିଶେଷରେ ତୁମେ ତାହା ପାଇବ ତେବେ ବୁଝିଯିବ ଯେ ଏହା ସେହି ଜ୍ଞାନ ଅଟେ, ଯାହା ହୃଦୟକୁ ସତେଜତା ଓ ଜୀବନ ପ୍ରଦାନ କରିଥାଏ । ଏବଂ ବିଶ୍ୱାସର ଶିଖର ପର୍ଯ୍ୟନ୍ତ ପହଂଚାଇ ଦେଇଥାଏ । ଯେଉଁମାନେ ନିଜେ ମୁର୍ଦ୍ଦାର ଖୋର୍ (ମୃତ ଶରୀରକୁ ଖାଉଥିବା ପ୍ରାଣୀ) ଅଟନ୍ତି ସେମାନେ କେଉଁଠାରୁ ତୁମପାଇଁ ପବିତ୍ର ଖାଦ୍ୟ ଆଣିଦେବେ । ଯିଏ ନିଜେ ଅନ୍ଧ ସେ ତୁମକୁ କିପରି ବାଟ ଦେଖାଇବ । ପ୍ରତ୍ୟେକ ପବିତ୍ର ଜ୍ଞାନ ଆକାଶରୁ ଆସେ । ତେଣୁ ତୁମେ ପୃଥିବୀର ଲୋକମାନଙ୍କ ଠାରୁ କଣ ଆଶା କରୁଛ । ଯାହାଙ୍କ ଆତ୍ମା ଆକାଶକୁ ଯାଇଥାଏ । ସେମାନେ ଜ୍ଞାନର ଉତରାଧିକାରୀ । ଯେଉଁମାନେ ନିଜେ ସନ୍ତୁଷ୍ଟ ନୁହଁନ୍ତି ସେମାନେ କିପରି ତୁମକୁ ସନ୍ତୁଷ୍ଟ କରିପାରିବେ । କିନ୍ତୁ ସର୍ବପ୍ରଥମେ ହୃଦୟର ପବିତ୍ରତା ଆଣିବା ଜରୁରୀ ଅଟେ ଓ ସର୍ବ ପ୍ରଥମେ ସତ୍ୟତା ଅବଲମ୍ବନ କରିବା ମଧ୍ୟ ଜରୁରୀ ଅଟେ । ଏହାପରେ ପୁଣି ସବୁକିଛି ତୁମକୁ ମିଳିଯିବ ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୨୩-୨୪)

● ● ● ● ● ● ● ● ● ● ● ●

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

● ● ● ● ● ● ● ● ● ● ● ●

## ଯେଉଁ ରମ୍‌ଜାନ୍ ସଚ୍ଚା ବଳିଦାନ ବିନା ବିତିଯାଏ ତାହା ରମ୍‌ଜାନ୍ ନୁହେଁ ଏବଂ ଯେଉଁ ତେହେରିକ୍-ଏ-ଯଦିଦ୍ ଆତ୍ମାକୁ ସତେଜ୍ ନକରି ଚାଲିଯାଏ ତାହା ତେହେରିକ୍ ଯଦିଦ୍ ନୁହେଁ ।

ତେହେରିକ୍ ଯଦିଦ୍‌ର ପ୍ରତିଷ୍ଠାତା ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ପବିତ୍ର ରମ୍‌ଜାନ୍ ମାସ ସହିତ ତେହେରିକ୍ ଯଦିଦ୍‌ର ପ୍ରଗାଢ଼ ସମ୍ପର୍କ ଉପରେ ଆଲୋକପାତ କରି କହୁଛନ୍ତି:-

''ଯଦି ତୁମେ ରମ୍‌ଜାନ୍‌ରୁ ଲାଭ ଉଠାଇବାକୁ ଚାହୁଁଛ ତାହାହେଲେ ତେହେରିକ୍ ଯଦିଦ୍ ଉପରେ ଅମଲ କର ଏବଂ ଯଦି ତୁମେ ତେହେରିକ୍ ଯଦିଦ୍‌କୁ ଲାଭ ପହଂଚାଇବାକୁ ଚାହୁଁଛ ତେବେ ତୁମେ ରୋଜାରୁ ସଠିକ୍ ଲାଭ ଉଠାଅ । ତେହେରିକ୍ ଯଦିଦ୍ ଏହା ହେଉଛି ଯେ ତୁମେ ସରଳ ଜିବନଯାପନ କର । ପରିଶ୍ରମ, କଷ୍ଟ ଓ ବଳିଦାନ୍‌କୁ ନିଜ ଅଭ୍ୟାସ୍‌ରେ ପରିଣତ କର । ଏହି ପାଠକୁ ଶିକ୍ଷା ଦେବା ପାଇଁ ରମ୍‌ଜାନ୍ ଆସିଥାଏ । ତେଣୁ ଯେଉଁ ଉଦ୍ଦେଶ୍ୟ ପାଇଁ ରମ୍‌ଜାନ୍ ଆସିଛି ସେହି ଉଦ୍ଦେଶ୍ୟ ହାସଲ କରିବା ନିମନ୍ତେ ପ୍ରାଣ ପଣେ ଚେଷ୍ଟା କର ।... ପ୍ରତ୍ୟେକ ବ୍ୟକ୍ତିକୁ ଚେଷ୍ଟା କରିବା ଉଚିତ୍ ଯେ ତାର ରମ୍‌ଜାନ୍ ତେହେରିକ୍ ଯଦିଦ୍ ପରି ହେଉ ଏବଂ ତେହେରିକ୍ ଯଦିଦ୍ ରମ୍‌ଜାନ୍ ପରି ହେଉ । ରମ୍‌ଜାନ୍ ଆମ ନଫ୍‌ସ (ଅସ୍ତିତ୍ୱ)କୁ ମାରିବା ବାଲା ହେଉ ଏବଂ ତେହେରିକ୍ ଯଦିଦ୍ ଆମ ଆତ୍ମାକୁ ସତେଜତା ପ୍ରଦାନ କରୁ । ସୁତରାଂ ଯେବେ ମୁଁ କହିଲି ଯେ ରମ୍‌ଜାନ୍‌ର ଲାଭ ଉଠାଅ ବୋଲି ତା ଅର୍ଥ ମୁଁ ତୁମକୁ ବୁଝାଇ ଦେଉଛି ଯେ ତୁମେ ତେହେରିକ୍ ଯଦିଦ୍‌ର ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ରମ୍‌ଜାନ୍ ଦୃଷ୍ଟିକୋଣରୁ ବୁଝାଅ । ଯେତେବେଳେ ମୁଁ କହିଲି ତେହେରିକ୍ ଯଦିଦ୍ ପ୍ରତି ଧ୍ୟାନ ଦିଅ ବୋଲି ତେବେ ଅନ୍ୟ ଶବ୍ଦରେ ମୁଁ ତୁମକୁ ଏହା କହିଲି ଯେ ତୁମେ ଯେକୌଣସି ଅବସ୍ଥାରେ ମଧ୍ୟ ରମ୍‌ଜାନ୍‌ର ସ୍ଥିତିକୁ ନିଜ ଉପରେ ଲାଗୁ କର ଏବଂ  ଉଚିତ୍ ବଳିଦାନ୍ ଓ ନିରନ୍ତର ବଳିଦାନକୁ ନିଜ ଭିତରେ ଅଭ୍ୟାସ କର ଯେଉଁ ରମ୍‌ଜାନ୍ ସଚ୍ଚା ବଳିଦାନ ବିନା ବିତିଯାଏ ତାହା ରମ୍‌ଜାନ୍ ନୁହେଁ ଓ ତେହେରିକ୍ ଯଦିଦ୍ ଆତ୍ମାକୁ ସତେଜତା ନଦେଇ ଚାଲିଯାଏ ତାହା ତେହେରିକ୍ ଯଦିଦ୍ ନୁହେଁ ।

**(ଖୁତ୍‌ବା ଜୁମା ୪ ନଭେମ୍ବର ୧୯୩୮)**

ଏହି ପରିପ୍ରେକ୍ଷିରେ ୧୧ ନଭେମ୍ବର ୧୯୩୮ ମସିହାର ଖୁତ୍‌ବା ଜୁମା ଶେଷରେ ହଜୁର୍ ର:ଅ ଜମାତ୍‌କୁ ତେହେରିକ୍ ଯଦିଦ୍‌ରେ ଚାନ୍ଦା ଦେଉଥିବା  ବ୍ୟକ୍ତିଙ୍କ ନିମନ୍ତେ ବିଶେଷ ରୂପେ ଦୁଆର ଘୋଷଣା କରି କହିଲେ:-

''ରମ୍‌ଜାନ୍‌ର ଯେଉଁ ଶେଷ ଦଶକ ଆସିବାର ଅଛି ତାକୁ ତେହେରିକ୍ ଯଦିଦ୍ ଉଦ୍ଦେଶ୍ୟରେ ପୂର୍ବ ବଳିଦାନ ପାଇଁ କୃତଜ୍ଞତା ଓ ଆସନ୍ତା ଦିନ ପାଇଁ ଶକ୍ତି ହାସଲ କରିବା ନିମନ୍ତେ ଖର୍ଚ୍ଚ କର । ଯେଉଁମାନଙ୍କୁ ପୂର୍ବ ବର୍ଷ ଗୁଡିକରେ ବଳିଦାନର ସୁଯୋଗ ମିଳିଥିଲା ସେମାନେ ଏଥିପାଇଁ ଅଲ୍ଲାଃଙ୍କୁ ଧନ୍ୟବାଦ ଦିଅନ୍ତୁ ଏବଂ ପ୍ରତ୍ୟେକ ପ୍ରାର୍ଥନାକାରୀ ଅଲ୍ଲାଃତାଲାଙ୍କ ନିକଟରେ ପ୍ରତ୍ୟେକ କୁର୍‌ବାନି କରିଥିବା ଲୋକଙ୍କ ପାଇଁ ଦୁଆ କରନ୍ତୁ ଯେ ସେମାନେ ଧର୍ମର ବୈଭବ ପାଇଁ ଏବଂ ସିଲ୍‌ସିଲାର ସୁଦୃଢ଼ତା ପାଇଁ ଯେଉଁ ବଳିଦାନ ଦେଇଛନ୍ତି ତାହା ବଦଳରେ ଅଲ୍ଲାଃତାଲା ତାଙ୍କ ଉପରେ ନିଜର (ଫଜଲ୍) କୃପା ଓ ଦୟା ଅବତୀର୍ଣ୍ଣ କରନ୍ତୁ । ଏଥିପାଇଁ ନିଜର ପ୍ରେମ ଏବଂ ବର୍‌କାତ୍ ଅବତୀର୍ଣ୍ଣ କରନ୍ତୁ । ଯେଉଁ ପ୍ରେମ ଓ ନିଃସ୍ୱାର୍ଥତା ମୁତାବକ ସେମାନେ ଖୁଦାଙ୍କ ମାର୍ଗରେ କୁର୍‌ବାନି କରିଥିଲେ'' ଆମିନ୍! **(ଅଲ୍‌ଫଜଲ୍ ୧୫ ନଭେମ୍ବର ୧୯୩୮, ପୃଷ୍ଠା-୪)**

ଯମାତ୍ ପ୍ରେମୀଙ୍କର ଆରମ୍ଭରୁ ଏହି ଅମଲ ରହିଆସିଛି ଯେ ସେମାନେ ସର୍ବଦା ରମ୍‌ଜାନ୍ ମାସର ମଝାମଝି ଭିତରେ ନିଜ ପ୍ରତିଶୃତି ଦେଇଥିବା ଚାନ୍ଦା ତେହେରିକେ ଯଦିଦ୍ ଶତ ପ୍ରତିଶତ ପ୍ରଦାନ କରି ଅଲ୍ଲାଃତାଲାଙ୍କ କୃପା ଓ ବର୍‌କାତ୍‌କୁ ହାସଲ କରବା ପାଇଁ ଚେଷ୍ଟା କରିଥାନ୍ତି । ତେଣୁ ଏବେ ଯେତେବେଳେ ଆମେ ଅଲ୍ଲାଃତାଲାଙ୍କ ନିକଟରୁ ମିଳିଥିବା ଅନୁଗ୍ରହରୁ ପୁଣି ଥରେ ଅସଂଖ୍ୟ ଆକାଶୀୟ ଦୟା ଓ ଅନୁକମ୍ପାରେ ପୁର୍ଣ୍ଣ ଏହି ପବିତ୍ର ମାସରେ ଆମେ ପାଦ ରଖିବାକୁ ଯାଉଅଛେ । ତେହେରିକ୍ ଯଦିଦ୍‌ର ପ୍ରତ୍ୟେକ ସହଯୋଗୀଙ୍କୁ ନିବେଦନ କରାଯାଉଛି ଯେ ସେମାନେ ନିଜର ବୈଭବଶାଳୀ ଯମାତି ପ୍ରଥାକୁ ଜାରି ରଖି ୨୦ ରମ୍‌ଜାନୁଲ୍ ମୁବାରକ୍ ଅର୍ଥାତ୍ ୧୬ ଜୁନ୍ ପର୍ଯ୍ୟନ୍ତ ନିଜର ଦେୟ ସମ୍ପୂର୍ଣ୍ଣ ରୂପେ ପଇଠ କରି ହଜୁର୍ ଅ:ବ:ଅ ଙ୍କ ଗ୍ରହଣୀୟ ଦୁଆରୁ ଭାଗ ନେବା ପାଇଁ ସୌଭାଗ୍ୟ ହାସଲ କରନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ !

ସମସ୍ତ ଜିଲାଇ ଓ ସ୍ଥାନୀୟ ଅମିର୍ ମହୋଦୟ, ସଦର୍ ସାହେବ ଓ ତେହେରିକ୍ ଯଦିଦ୍‌ର ସେକ୍ରେଟାରୀ ସାହାବାନ୍ ଓ ମୋବଲିକ୍ ସାହାବାନ୍‌କୁ ମଧ୍ୟ ନିବେଦନ କରାଯାଉଛି ଯେ ଦୟାପୂର୍ବକ ନିଜ ନିଜ ଯମାତ୍‌ର ଶତ ପ୍ରତିଶତ ଦେୟ ପଇଠ କରିଥିବା ବ୍ୟକ୍ତି ବିଶେଷଙ୍କ ନାମର ସୂଚୀ ପତ୍ର ୧୬ ଜୁନ୍ ପୂର୍ବରୁ ଡାକ ଜରିଆରେ ଏବଂ ୨୧ ଜୁନ୍ ପର୍ଯ୍ୟନ୍ତ ଫାକ୍‌ସ ବା ଇ-ମେଲ୍ ମାଧ୍ୟମରେ ୱାକାଲତେ ତେହେରିକେ ଯଦିଦ୍ କାଦିଆନ୍‌ଙ୍କ ନିକଟକୁ ପଠାଇବାର ହୁଅନ୍ତୁ । ଯଦ୍ୱାରା ପ୍ରତ୍ୟେକ ଯମାତ୍‌ର ସୁଚୀପତ୍ର ଗୁଡିକୁ ଏକତ୍ରିତ କରି ୨୯ ରମ୍‌ଜାନ୍ ଦିନ ଇଜ୍‌ତମାଇ ଦୁଆ ନିମନ୍ତେ ସୟଦ୍‌ନା ହଜୁର୍ ଅନୁୱର ଅ:ବ:ଅଙ୍କ ଗୋଚରେ  ଉପସ୍ଥାପନ କରାଯାଇପାରିବ । ଯଜାକମୁଲ୍ଲାଃ ଖଏରନ୍ ।

**(ୱକିଲୁଲ୍‌ମାଲ୍ ତେହେରିକେ ଯଦିଦ୍ କାଦିଆନ୍)**

# ଖୁତ୍‌ବା ଜୁମା

◆ହେ ଲୋକମାନେ ! ଜାଣିରଖ ଯେ ସାଂସାରିକ ଜୀବନ କେବଳ ଏକ କ୍ରୀଡ଼ାକୌତୁକ ଓ ଚିତବିନୋଦନ ବିଷୟ ଅଟେ ଏବଂ ଏହା ଚାକଚକ୍ୟ ତଥା ପରସ୍ପର ମଧ୍ୟରେ ଅହଙ୍କାର ପ୍ରଦର୍ଶନ ଏବଂ ଧନ-ସମ୍ପତି ଓ ସନ୍ତାନ-ସନ୍ତତି ସଂକ୍ରାନ୍ତରେ ବଡ଼ିମା ପ୍ରଦର୍ଶନ କରିବାର ମାଧ୍ୟମ ଅଟେ । ଏହାର ଅବସ୍ଥା ବୃଷ୍ଟି ଦ୍ୱାରା ଉତ୍ପାଦିତ ହୋଇଥିବା ଶସ୍ୟ ଶ୍ୟାମଳ ଶସ୍ୟ କ୍ଷେତ୍ର ସଦୃଶ ଯାହାର ଉଦ୍‌ଗମ କୃଷକକୁ ଖୁବ୍ ସନ୍ତୋଷ ପ୍ରଦାନ କରେ କିନ୍ତୁ ପରିବେଶରେ ତୁମ୍ଭେ ତାହାକୁ ହଳଦିଆ ଅବସ୍ଥାରେ ଦେଖ । ପୁଣି ତାହା ପଚିସଢ଼ି ଖଣ୍ଡ ଖଣ୍ଡ ହୋଇଯାଏ ଏବଂ ପରକାଳରେ ଏପରି ସଂସାର ପ୍ରେମୀଙ୍କ ନିମନ୍ତେ କଠିନ ଶାସ୍ତି ନିୟତ ଅଛି । କେତେକଙ୍କ ସକାଶେ ଅଲ୍ଲାଃଙ୍କ ତରଫରୁ କ୍ଷମା ଓ ଅଲ୍ଲାଃଙ୍କର ସନ୍ତୋଷ ବିଧାନ ନିୟତ ଅଛି ଏବଂ ସାଂସାରିକ ଜୀବନ କେବଳ ଏକ ପ୍ରତାରଣାପୂର୍ଣ୍ଣ ଉପଭୋଗ୍ୟ ବସ୍ତୁ ।

◆ଦେଖ ଆମେ ଯେ ନିଜକୁ ଅହେମଦି ବୋଲାଉଛେ, ଆମେ ସେତେବେଳେ ପ୍ରକୃତ ଅହେମଦି ହୋଇପାରିବା ଯେତେବେଳେ ଆମେ ଏହି କ୍ଷଣସ୍ଥାୟୀ ଓ ସାଂସାରିକ କାମନାପୂର୍ଣ୍ଣ ତଥା ଆନନ୍ଦମୟ ଜୀବନ ଶୈଳୀକୁ ନିଜର ଲକ୍ଷ ନମଣିବା ବରଂ ସମଗ୍ର ସଂସାର ଯାହାକି ଆଜିକାଲି ଏହି ଭୋଗବିଳାଷର ବଶଃବର୍ତୀ ହୋଇ ରହିଛି ଏବଂ ପ୍ରତି ପାଦରେ ସଇତାନ ନିଜର ଏପରି ପେଣ୍ଠସ୍ଥଳି ତିଆରି କରିଛି ଯାହା ପ୍ରତ୍ୟେକ ବ୍ୟକ୍ତିର ଧ୍ୟାନ ଆକର୍ଷିତ କରିବାକୁ ଚେଷ୍ଟା କରୁଛି । ସେଥିରୁ ବଂଚିତ ରହିବା ନିମନ୍ତେ ଆମ୍ଭକୁ ପୂର୍ଣ୍ଣ ପ୍ରୟାସ କରିବା ଉଚିତ୍ । ଆମର ଲକ୍ଷ ସଂସାରର ଧନ ସମ୍ପତି ଓ ଆନନ୍ଦ ଲାଭ କରିବା ଓ ସାଂସାରିକ ଭୋଗବିଳାଷରୁ ଆନନ୍ଦ ଉପଭୋଗ କରିବା କଦାପି ରହିବା ଉଚିତ୍ ନୁହେଁ । କାରଣ ଏସବୁର ପରିଣତି ଭଲ ନୁହେଁ ।

◆ଯେ ଅଲ୍ଲାଃଙ୍କ ନିକଟରୁ ଆସିଥାନ୍ତି ସେମାନେ ବୈରାଗୀ ଅଟନ୍ତି ଅର୍ଥାତ ସଂସାର ପ୍ରାପ୍ତ କରିବା ସେମାନଙ୍କର ଲକ୍ଷ ନଥାଏ । ତଥାପି ସଂସାର ସେମାନଙ୍କ ସେବକ ଓ ଚାକର ସାଜିଥାଏ । କିନ୍ତୁ ଏହାର ଅପରପକ୍ଷେ ଯେ ସଂସାର ପ୍ରାପ୍ତିକୁ ନିଜର ମୂଳ ଲକ୍ଷ ଧାର୍ଯ୍ୟ କରିଥାନ୍ତି ଏବଂ ଏଥିରେ କିଭଳି ସଫଳତା ହାସଲ କରନ୍ତୁ ନା କାହିଁକି ଶେଷରେ ଅପମାନିତ ଓ ଲଜ୍ଜିତ ହୋଇଥାନ୍ତି ।

◆ହଜୁର ଅନୁଓ୍ୱର୍ ନମାଜ ପରେ ଦୁଇ ଗୋଟି ଜନାଯାଃ ଗାଏବ ପଢ଼ାଇଲେ ଗୋଟିଏ ଶ୍ରୀମାନ ବଶାରତ ଅହେମଦ ସାହେବ ପିତା ଶ୍ରୀମାନ ମହମ୍ମଦ ଅବଦୁଲ୍ଲାଃ ସାହେବ ଖାନପୁର ଜିଲ୍ଲା ରହିମୟାର ଖାଁ ଯାହାଙ୍କୁ ଚଳିତ ମାସ ୩ ତାରିଖରେ ଶହିଦ୍ କରିଦିଆଗଲା **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ ।** ଦ୍ୱିତୀୟ ଜନାଯାଃ ଅଧ୍ୟାପିକା ତାହେରା ପରଓ୍ୱିନ୍ ମଲକ୍ ପିତା ମଲକ୍ ମହମ୍ମଦ ଅବଦୁଲ୍ଲାଃ ସାହେବଙ୍କର ଅଟେ । ସେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା ଥିଲେ । ଚଳିତ ଅପ୍ରେଲ୍ ମାସ ୧୭ ତାରିଖରେ ଉକ୍ତ ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀ ତାଙ୍କୁ ଛୁରୀମାରି ଶହିଦ କରିଦେଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ହଜୁର ଅନଓ୍ୱର ଉଭୟଙ୍କର ଉତମ ଚରିତ୍ର ଚର୍ଚ୍ଚା କରି ତାଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୦୫ ମଇ ୨୦୧୭ ଅନୁଯାୟୀ ୦୫ ହିଜ୍‌ରତ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ – **ଇଲମୁ ଇନ୍ନମଲ୍ ହୟାତୁଦ୍ ଦୁନୟା ଲଇବୁଁ ଓ୍ୱ ଲହ୍‌ଉଁ ଓ୍ୱ ଯିନତୁଉଁ ଓ୍ୱ ତଫାଖୁରୁମ୍ ବୈନକୁମ୍ ଓ୍ୱ ତକାସୁରୁନ୍ ଫିଲ୍‌ଅମଓ୍ୱାଲି ଓ୍ୱଲ୍‌ଅଓ୍ଲାଦ୍ । କମସଲି ଗାଏସିନ୍ ଆଜବଲ୍ କୁଫ୍‌ଫାରା ନବାତୁହୁ ସୁମ୍ମା ୟହିଜୁ ଫତରାହୁ ମୁସଫରାନ୍ ସୁମ୍ମା ୟକୁନୁ ହୁତାମା । ଓ୍ୱ ଫିଲ୍ ଆଖିରତି ଅଜାବୁନ୍ ଶଦିଦୁଉଁ ଓ୍ୱ ମଗଫିରତୁମ୍ ମିନଲ୍ଲାହି ଓ୍ୱ ରିଜଓ୍ୱାନ୍ । ଓ୍ୱ ମାଲ୍ ହୟାତୁଦ୍ ଦୁନୟା ଇଲ୍ଲା ମତାଉଲ୍ ଗୁରୁର୍** । ଅର୍ଥାତ ହେ ଲୋକମାନେ ! ଜାଣିରଖ ଯେ ସାଂସାରିକ ଜୀବନ କେବଳ ଏକ କ୍ରୀଡ଼ାକୌତୁକ ଓ ଚିତବିନୋଦନ ବିଷୟ ଅଟେ ଏବଂ ଏହା ଚାକଚକ୍ୟ ତଥା ପରସ୍ପର ମଧ୍ୟରେ ଅହଙ୍କାର ପ୍ରଦର୍ଶନ ଏବଂ ଧନ-ସମ୍ପତି ଓ ସନ୍ତାନ-ସନ୍ତତି ସଂକ୍ରାନ୍ତରେ ବଡ଼ିମା ପ୍ରଦର୍ଶନ କରିବାର ମାଧ୍ୟମ ଅଟେ । ଏହାର ଅବସ୍ଥା ବୃଷ୍ଟି ଦ୍ୱାରା ଉତ୍ପାଦିତ ହୋଇଥିବା ଶସ୍ୟ ଶ୍ୟାମଳ ଶସ୍ୟ କ୍ଷେତ୍ର ସଦୃଶ ଯାହାର ଉଦ୍‌ଗମ କୃଷକକୁ ଖୁବ୍ ସନ୍ତୋଷ ପ୍ରଦାନ କରେ କିନ୍ତୁ ପରିବେଶରେ ତୁମ୍ଭେ ତାହାକୁ ହଳଦିଆ ଅବସ୍ଥାରେ ଦେଖ । ପୁଣି ତାହା ପଚିସଢ଼ି ଖଣ୍ଡ ଖଣ୍ଡ ହୋଇଯାଏ ଏବଂ ପରକାଳରେ ଏପରି ସଂସାର ପ୍ରେମୀଙ୍କ ନିମନ୍ତେ କଠିନ ଶାସ୍ତି ନିୟତ ଅଛି । କେତେକଙ୍କ ସକାଶେ ଅଲ୍ଲାଃଙ୍କ ତରଫରୁ କ୍ଷମା ଓ ଅଲ୍ଲାଃଙ୍କର ସନ୍ତୋଷ ବିଧାନ ନିୟତ ଅଛି ଏବଂ ସାଂସାରିକ ଜୀବନ କେବଳ ଏକ ପ୍ରତାରଣାପୂର୍ଣ୍ଣ ଉପଭୋଗ୍ୟ ବସ୍ତୁ ।

ପବିତ୍ର କୋରାନର ଅନେକ ସ୍ଥାନରେ ଅଲ୍ଲାଃତାଲା ଏଥିପ୍ରତି ଧ୍ୟାନ ଆକର୍ଷିତ

କରିଛନ୍ତି ବରଂ ସତର୍କ କରାଇଦେଇଛନ୍ତି କି ଏହି ସଂସାରର ମୋହ,ମାୟା, ଚିତବିନୋଦନ, ବିଳାଷବେସନ ଇତ୍ୟାଦି କ୍ଷଣସ୍ଥାୟୀ । ଏସବୁ କ୍ରୀଡ଼ାକୌତୁକ ଓ କ୍ଷଣୀକ ମନୋରଞ୍ଜନ କରିବା ଛଡ଼ା ଅନ୍ୟ କିଛି ନୁହେଁ । ଅଲ୍ଲାଃତାଲା ଓ ନିଜ ଜୀବନର ଲକ୍ଷକୁ ଭୁଲି ବସିଥିବା ମଣିଷ ତ ଏହି ସାଂସାରିକ ବସ୍ତୁ ପ୍ରତି ଢଳି ପାରେ କିନ୍ତୁ ଜଣେ ମୋମିନ ଯେ ବୃହତ ଲକ୍ଷ ଧାରଣ କରିଥାଏ ଏବଂ ରଖିବା ଉଚିତ୍ । ସେ ଏସବୁ ଜିନିଷରୁ ବହୁତ ଉର୍ଦ୍ଧ୍ୱରେ ଥାଏ ଏବଂ ଉର୍ଦ୍ଧରେ ରହି ଚିନ୍ତା କରିଥାଏ । ଆମେ ଏହି ଯୁଗର ଇମାମ ଓ ହଜରତ ମହମ୍ମଦ ସ.ଆଙ୍କ ଭବିଷ୍ୟବାଣୀ ମୁତାବକ ହଜରତ ମସିହ ମଉଦ ଆ.ସଙ୍କ ବୟତ କରି ଆପଣଙ୍କ ଜମାଅତରେ ଅନ୍ତର୍ଭୁକ୍ତ ହୋଇଛେ । ତେଣୁ ଆମ୍ଭର ଚିନ୍ତାଧାରା ବେଶ୍ ଉଚ୍ଚ କୋଟୀର ହେବା ଉଚିତ୍ । *ଦେଖ ଆମେ ଯେ ନିଜକୁ ଅହେମଦି ବୋଲାଉଛେ, ଆମେ ସେତେବେଳେ ପ୍ରକୃତ ଅହେମଦି ହୋଇପାରିବା ଯେତେବେଳେ ଆମେ ଏହି କ୍ଷଣସ୍ଥାୟୀ ଓ ସାଂସାରିକ କାମନାପୂର୍ଣ ତଥା ଆନନ୍ଦମୟ ଜୀବନ ଶୈଳୀକୁ ନିଜର ଲକ୍ଷ ନମଣିବା ବରଂ ସମଗ୍ର ସଂସାର ଯାହାକି ଆଜିକାଲି ଏହି ଭୋଗବିଳାଷର ବଶଃବର୍ତୀ ହୋଇ ରହିଛି ଏବଂ ପ୍ରତି ପାଦରେ ସଇତାନ ନିଜର ଏପରି ପେଣ୍ଠସ୍ଥଳି ତିଆରି କରିଛି ଯାହା ପ୍ରତ୍ୟେକ ବ୍ୟକ୍ତିର ଧ୍ୟାନ ଆକର୍ଷିତ କରିବାକୁ ଚେଷ୍ଟା କରୁଛି । ସେଥିରୁ ବଂଚିତ ରହିବା ନିମନ୍ତେ ଆମ୍ଭକୁ ପୂର୍ଣ୍ଣ ପ୍ରୟାସ କରିବା ଉଚିତ୍ । ଆମର ଲକ୍ଷ ସଂସାରର ଧନ ସମ୍ପତି ଓ ଆନନ୍ଦ ଲାଭ କରିବା ଓ ସାଂସାରିକ ଭୋଗବିଳାଷରୁ ଆନନ୍ଦ ଉପଭୋଗ କରିବା କଦାପି ରହିବା ଉଚିତ୍ ନୁହେଁ ।* କାରଣ ଏସବୁର ପରିଣତି ଭଲ ନୁହେଁ । ଅଲ୍ଲାଃତାଲା ଏହି ସାଂସାରିକ ବସ୍ତୁର ଉଦାହରଣ ଦେଇ କୁହନ୍ତି- ଏସବୁ ଫଳିବା ଫୁଲିବା ଫସଲ ପରି ଅଟେ । କିନ୍ତୁ ଶେଷରେ ଏହା ଶୁଖି ଗୁଣ୍ଡ ହୋଇଯାଇଥାଏ ଏବଂ ଦ୍ରୁତ ପବନ ଏହାକୁ ଉଡ଼େଇ ନେଇଯାଇଥାଏ । ସଂସାର ପ୍ରେମିଙ୍କର ମଧ୍ୟ ଏହିପରି ପରିଣାମ ହୋଇଥାଏ । ନା ସେମାନଙ୍କ ଧନ ସମ୍ପତି କୌଣସି କାମରେ ଆସିଥାଏ ନା ସେମାନଙ୍କ ସନ୍ତାନ ସନ୍ତତିମାନେ କୌଣସି ଉପକାର ସାଧିତ କରିଥାନ୍ତି । କେତେକ ତ ଏହି ସଂସାରରେ ହିଁ ନିଜ ଧନ ସମ୍ପତି ଓ ସନ୍ତାନମାନଙ୍କଠାରୁ ବଂଚିତ ରହିଯାଇଥାନ୍ତି । ଯଦି କେହି ସାଂସାରିକ ଦୃଷ୍ଟି କୋଣରୁ ନିଜର ପରିଣତି ସଫଳ ମନେକରିଥାଏ ତେବେ ମଧ୍ୟ ତାହାକୁ ମନେରଖିବା ଉଚିତ୍ ଯେ, ଶେଷରେ ତାହାର ହିସାବ ନିକାଶ ହେବ । ମନେରଖ ଯେପରି ଅଲ୍ଲାଃ କହିଛନ୍ତି- ଏହି ଜୀବନକୁ ସବୁ କିଛି ମଣ ନାହିଁ । ପ୍ରକୃତ ଜୀବନ ମୃତ୍ୟୁ ପରେ ପ୍ରାପ୍ତ ହୋଇଥାଏ । ତେଣୁ ଅଲ୍ଲାଃଙ୍କ ପ୍ରିତୀଭାଜନ ଲାଭ କରିବା, ଉତମ ପରିଣାମ, ଅଲ୍ଲାଃଙ୍କ ସହ ନିବିଡ଼ ସମ୍ପର୍କ ଆଦି ହାସଲ କରିବା ପାଇଁ ଚେଷ୍ଟା କରିବା ସହିତ ତାଙ୍କ ଆଦେଶ ମୁତାବକ ଅମଳ କରିବା ମଧ୍ୟ ଆବଶ୍ୟକ । ଯେତେବେଳେ ଆମେ ଅଲ୍ଲାଃଙ୍କ ପ୍ରିତୀଭାଜନ ଲାଭ କରିବା ନିମନ୍ତେ ଚେଷ୍ଟା କରିବା ଓ ତାଙ୍କ ଆଦେଶ ମୁତାବକ ଅମଳ କରିବା ସେତେବେଳେ କେବଳ ଆମର ପରିଣାମ ଉତମ ହେବ ନାହିଁ ବରଂ ଏହି ଇହକାଳରେ ମଧ୍ୟ ଆମେ କୃତକାର୍ଯ୍ୟ ହେବା ।

ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କହିଛନ୍ତି- ଯେ ଅଲ୍ଲାଃଙ୍କ ନିକଟରୁ ଆସିଥାନ୍ତି ସେମାନେ ବୈରାଗୀ ଅଟନ୍ତି ଅର୍ଥାତ ସଂସାର ପ୍ରାପ୍ତ କରିବା ସେମାନଙ୍କର ଲକ୍ଷ ନଥାଏ । ତଥାପି ସଂସାର ସେମାନଙ୍କ ସେବକ ଓ ଚାକର ସାଜିଥାଏ । କିନ୍ତୁ ଏହାର ଅପରପକ୍ଷେ ଯେ ସଂସାର ପ୍ରାପ୍ତିକୁ ନିଜର ମୂଳ ଲକ୍ଷ ଧାର୍ଯ୍ୟ କରିଥାନ୍ତି ଏବଂ ଏଥିରେ କିଭଳି ସଫଳତା ହାସଲ କରନ୍ତୁ ନା କାହିଁକି ଶେଷରେ ଅପମାନିତ ଓ ଲଜ୍ଜିତ ହୋଇଥାନ୍ତି । ହଜୁର ଆ.ସଙ୍କ ଏପରି କହିବା କେବଳ ସେହି ଯୁଗର କିମ୍ୱା ପୁରାତନ କଥା ନୁହେଁ ବରଂ ଆଜି ମଧ୍ୟ ଏହା ବାସ୍ତବରେ ଘଟୁଅଛି । ୨୦୦୮ ମସିହାରେ ଯେଉଁ ଅର୍ଥନୈତିକ ବିପର୍ଯ୍ୟୟ ଘଟିଥିଲା, ତାହାର ପ୍ରଭାବ ବର୍ତମାନ ସୁଧା ଅବ୍ୟାହତ ରହିଛି । ବଡ଼ ବଡ଼ ବ୍ୟବସାୟୀମାନେ ଦେବାଳିଆ ହୋଇଗଲେ, ଏପରିକି ବିଭିନ୍ନ ଦେଶର ପ୍ରଶାସନ ମଧ୍ୟ ପ୍ରଭାବିତ ହେଲା । ତୈଳ ରପ୍ତାନୀକାରୀ ଦେଶମାନେ ମନେକରୁଥିଲେ କି ଆମ୍ଭର ଏହି ଭୂ-ସମ୍ପଦ କଦାପି ଶେଷ ହେବ ନାହିଁ । କିନ୍ତୁ ତାହାର ମଧ୍ୟ ବିଲୟ ଘଟିଲା । ସେହି ଦେଶମାନଙ୍କ ପ୍ରଶାସନକୁ ମଧ୍ୟ ନିଜ ଖର୍ଚ୍ଚ କମ୍ କରିବାକୁ ଓ ନିଜ କର୍ମଚାରୀମାନଙ୍କୁ ବହିସ୍କାର କରିବାକୁ ପଡ଼ିଲା । ମୁସଲମାନମାନଙ୍କ ଦୁର୍ଭାଗ୍ୟ ଯେ ଅଲ୍ଲାଃ ସେମାନଙ୍କୁ ଯେଉଁ ଭୂ-ସମ୍ପତି ପ୍ରଦାନ କରିଥିଲେ ଉକ୍ତ ଦେଶମାନଙ୍କର ରାଜା, ନେତା, ଭାରପ୍ରାପ୍ତ ଅଧିକାରୀ ତାହାକୁ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ପରିବର୍ତେ ନିଜ ମୌଜ କରିବାରେ ଲୁଟେଇଲେ ଓ ଲୁଟେଇଚାଲିଛନ୍ତି । ଯେଉଁ ତୈଳର ଅର୍ଥ ଓ ଅନ୍ୟାନ୍ୟ ମାଧ୍ୟମରେ ଉପାର୍ଜିତ ଅର୍ଥ ମାନବ ଜାତିର କଲ୍ୟାଣ ଓ ଗରିବ ମୁସଲମାନ ଦେଶ ଏବଂ ଅନ୍ୟାନ୍ୟ ଦେଶମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ନିଜ ଦେଶର ଭୋକିଲା ଓ ଫୁଙ୍ଗୁଳା ଲୋକମାନଙ୍କ ଦୁର୍ଦ୍ଦଶା ଦୂର କରିବା ପରିବର୍ତେ ନିଜ ଟଙ୍କା ବାକ୍ସ ଭରିବାରେ ବ୍ୟସ୍ତ ରହିଲେ ଓ ବର୍ତମାନ ସୁଧା ସେମାନଙ୍କର ଏହି ପ୍ରୟାସ ରହିଛି । ଯାହାର ପରିଣାମ ସ୍ୱରୂପ ସେମାନେ ସଂସାରବାସୀଙ୍କ ସମ୍ମୁଖରେ ମଧ୍ୟ ଲଜ୍ଜିତ ଓ ଅପମାନିତ ହେଉଛନ୍ତି କିନ୍ତୁ ତଥାପି ମଧ୍ୟ ବୁଝୁନାହାନ୍ତି, ନା ଅନ୍ତିମ ଦିବସ ପ୍ରତି ସେମାନଙ୍କର ଦୃଷ୍ଟି ଅଛି କି ତାହାର ଦଣ୍ଡରେ ଭୟଭିତ ହେବା, ଯାହାକି ଅତ୍ୟନ୍ତ କଠୋର ଓ ଲଜ୍ୟାଜନକ । ତେବେ ସେ ଯାହା ହେଉ ଏକଥାର ମଧ୍ୟ ଅସ୍ୱୀକାର କରାଯାଇ ପାରିବ ନାହିଁ କି ସଂସାରର ଧନ-ସମ୍ପତି କାହାର ବ୍ୟକ୍ତିଗତ ହେଉ ଅବା ବଡ଼ ବଡ଼ ବ୍ୟବସାୟୀ ଅବା କମ୍ପାନୀ କିମ୍ୱା ପ୍ରଶାସନ ସହ ସମ୍ପର୍କିତ ବ୍ୟକ୍ତିତ୍ୱଙ୍କର ହେଉ ତାହାର ଅପବ୍ୟବହାର ଅଲ୍ଲାଃଙ୍କ ଦଣ୍ଡର ଅଧିକାରୀ କରାଇଥାଏ ଓ ସେ ଇଚ୍ଛାକଲେ ଇହକାଳରେ ହେଉ ଅବା ପରକାଳରେ କିମ୍ୱା ଉଭୟ କାଳରେ ଏହାର ଦଣ୍ଡ ଦେଇଥାନ୍ତି । ଅତଏବ ଏହି ବଡ଼ ଭୟ କରିବାର ସ୍ଥାନ ଅଟେ । ତେଣୁ ପ୍ରତ୍ୟେକ ଜ୍ଞାନବନ୍ତ ମଣିଷ ଯେ କି ସଚ୍ଚୋଟ ମୁସଲମାନ ଅଟେ ଏବଂ ଅଲ୍ଲାଃଙ୍କ ଉପରେ ନିଷ୍ଠାପର ବିଶ୍ୱାସ ରଖିଥାଏ । ସର୍ବଦା (ଏକଥା) ନିଜ ସମ୍ମୁଖରେ ରଖିବା ଉଚିତ୍ । କେବଳ ଲୋକଦେଖାଣିଆ ନୁହେଁ ବରଂ ଉପାସନା ଓ ଅଲ୍ଲାଃଙ୍କ ଆଦେଶ ପାଳନ କରିବାରେ ଏକ ଦରଦ ଓ ପ୍ରଚେଷ୍ଟା ରହିବା ଉଚିତ୍ । କଥା କୁହାଳିଆମାନେ ତ କହିଦେଇଥାନ୍ତି ଯେ, ଆମ୍ଭେ ନମାଜ, ରୋଜା ଓ ଉପାସନା ସଠିକ୍ ରୂପେ ସମ୍ପାଦନ କରୁଅଛୁ ଯଦି ଅଲ୍ଲାଃ କିଛି ପୁରସ୍କାର ପ୍ରଦାନ କରିଛନ୍ତି ଏବଂ ତାହାକୁ ହାସଲ କରିବା ପାଇଁ ଆମେ ଚେଷ୍ଟା କରୁଅଛୁ ତେବେ ଏଥିରେ ଅସୁବିଧା କେଉଁଠି ରହିଲା । ଏପରି ଲୋକମାନଙ୍କ ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କହିଛନ୍ତି- ଯେଉଁ ନମାଜ ଓ ରୋଜାରେ ନିଷ୍ଠା ନାହିଁ ବରଂ ଲୋକଦେଖାଣିଆ ଅଟେ, ତାହା ସ୍ୱୀକାର ଯୋଗ୍ୟ ନୁହେଁ । ଏପରି ଲୋକଙ୍କ ନମାଜ ସମ୍ବନ୍ଧରେ ଅଲ୍ଲାଃ କୁହନ୍ତି **ଫୱେଇଲୁଲ୍ ଲିଲ୍ ମୁସଲିନ୍** ଅର୍ଥାତ ସେହି ନମାଜପାଠକାରୀଙ୍କର ସର୍ବନାଷ ହେଉ ଏବଂ ବାସ୍ତବରେ ଅଲ୍ଲାଃ ଆମ୍ଭଠାରୁ ଏପରି ଉପାସନା ଓ କାର୍ଯ୍ୟ ଆଶା କରନ୍ତି ଯାହାକି ଆମ୍ଭ ଆଧାତ୍ମିକ ସ୍ତର ବୃଦ୍ଧି ନିମନ୍ତେ ଆବଶ୍ୟକ । ଦେଖ ଅଲ୍ଲାଃ ଆମ୍ଭକୁ ସଂସାର ପ୍ରାପ୍ତି ଓ ଧନ ସମ୍ପତି ଅର୍ଜନ କରିବାରୁ ବାରଣ କରିନାହାନ୍ତି । ଅଲ୍ଲାଃଙ୍କ ପ୍ରଦତ ବସ୍ତୁରୁ ଜଣେ ମୋମିନ ଉପକୃତ ହେବା ବୈଦ୍ଧ ଅଟେ । କିନ୍ତୁ ସର୍ତ ଏହି କି ଯେ, ବୈଦ୍ଧ ମାର୍ଗରେ ତାହାକୁ ହାସଲ କରିବା ଯେପରି ତାହା ଧର୍ମ ଓ ସୃଷ୍ଟି ପ୍ରତି ଥିବା କର୍ତବ୍ୟ ସମ୍ପାଦନ କରିବାରେ ବାଧକ ନସାଜେ, ନା ଉପାସନାରେ ବାଧକ ସାଜିବା ଉଚିତ୍ ।

ହଜରତ ମହମ୍ମଦ ସ.ଆ ଏକଦା କହିଲେ- ମୁଁ ନିଜ ସମ୍ପ୍ରଦାୟକୁ ନେଇ ସବୁଠାରୁ ଅଧିକ ଏଥିପାଇଁ ଚିନ୍ତିତ କି ମୋ ମାନ୍ୟକାରୀମାନେ ନିଜ କାମନା ପୂରଣ କରିବାର ବଶଃବର୍ତୀ ହୋଇ ରହିନଯାନ୍ତୁ ଏବଂ ସଂସାର ପ୍ରାପ୍ତି ନିମନ୍ତେ ବିରାଟକାୟ ଯୋଜନା ପ୍ରସ୍ତୁତ କରି ନିଜ କାମନା ପୂରଣର ପଥିକ ସାଜି ଅଲ୍ଲାଃଙ୍କଠାରୁ ଦୂରେଇ ଚାଲିନଯାନ୍ତୁ । ସଂସାର ପ୍ରାପ୍ତି କରିବାରେ ଯେପରି ସେମାନେ ପରକାଳକୁ

ପାସୋରି ନଦିଅନ୍ତୁ । ହଜରତ ମହମ୍ମଦ ସ.ଆ କୁହନ୍ତି ହେ ଲୋକମାନେ ! ଏ ସଂସାର ନିଜ ବିଦାୟ ଯାତ୍ରାର ଆବଶ୍ୟକୀୟ ସାମଗ୍ରୀ ବାନ୍ଧି ସାରିଲାଣି ଏବଂ ଅନ୍ତିମ ଦିବସ ମଧ୍ୟ ଆସିବା ପାଇଁ ପ୍ରସ୍ତୁତ । ଉଭୟ ପାର୍ଶ୍ୱରୁ ଯାତ୍ରା ଆରମ୍ଭ ହୋଇଗଲାଣି । ଅତଏବ ଯଦି ତୁମର ଶକ୍ତି ଅଛି କି ତୁମେ କେବଳ ସଂସାରର ହୋଇ ରହିନଯାଅ ତେବେ ନିଶ୍ଚିତ ଏପରି କର । *ବର୍ତମାନ ତୁମେ (ସଂସାର ରୂପକ) କର୍ମକ୍ଷେତ୍ରରେ ଅଛ, ଏପର୍ଯ୍ୟନ୍ତ ତୁମର ହିସାବ ନିକାଶର ସମୟ ଆସି ନାହିଁ କିନ୍ତୁ କାଲି ତୁମେ ପରକାଳରେ ଥିବା ଏବଂ ସେଠାରେ ତୁମ ଅମଳର କ୍ଷେତ୍ର ଶେଷ ହୋଇଯାଇଥିବ । ଅମଳ କେବଳ ଏହି ସଂସାରରେ ସମ୍ଭବ ଏବଂ ତାହାରି ପରିଣାମ ମଣିଷକୁ ପରକାଳରେ ମିଳିଥାଏ । ସୁତରାଂ ନିଜ ଅମଳକୁ ସୁଧାରି ନିଅ । ଇହକାଳର କର୍ମ ପରକାଳରେ ପୁରସ୍କାର କିମ୍ବା ଦଣ୍ଡର ମାଧ୍ୟମ ସାଜିଥାଏ ।* ଅତଏବ ଭାଗ୍ୟବାନ ସେ ଯେ ସର୍ବଦା ଅଲ୍ଲାଃଙ୍କ ଉକ୍ତ କଥା ମନେରଖେ କି ଏହି ସଂସାର କେବଳ ଏକ କ୍ରୀଡ଼ାକୌତୁକ ଅଟେ । ନିଜର ସୌନ୍ଦର୍ଯ୍ୟର ପରିପ୍ରକାଶ କରିବା ସହିତ ପରସ୍ପର ନିକଟରେ ନିଜ ଧନ-ସମ୍ପତି ଓ ସନ୍ତାନମାନଙ୍କୁ ନେଇ ଗର୍ବ କରିବା ବ୍ୟକ୍ତିର ଉଦାହରଣ ଶୁଖିଲା ଘାସଠାରୁ କିଛି କମ୍ ନୁହେଁ ଯାହାକି ପରବର୍ତୀ ସମୟରେ ଗୁଣ୍ଡ ହୋଇ ପବନର ସ୍ରୋତରେ ବହିଚାଲିଯାଏ । ପ୍ରକୃତ କଥା ଅଲ୍ଲାଃତାଲାଙ୍କ ପ୍ରିତୀଭାଜନ ଲାଭ କରିବା ଅଟେ । ଉତମ କର୍ମ କର ଯଦ୍ୱାରା ତୁମେ ଅଲ୍ଲାଃଙ୍କ ପ୍ରିତୀଭାଜନ ଲାଭ କରିପାରିବ । ଦେଖ ହଜୁର ସ.ଆଙ୍କ ସାଥିମାନେ ସର୍ବଦା ଅଲ୍ଲାଃଙ୍କ ପ୍ରିତୀଭାଜନ ଲାଭ କରିବା ଓ ଉତମ କର୍ମ କରିବା ଲକ୍ଷରେ ରହୁଥିଲେ । ଏକଦା ଜଣେ ବ୍ୟକ୍ତି ହଜରତ ମହମ୍ମଦ ସ.ଆଙ୍କୁ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋତେ ଏପରି ଏକ ସୁତ୍ର ଶିଖାନ୍ତୁ ଯଦ୍ୱାରା ଅଲ୍ଲାଃ ମୋତେ ପ୍ରେମ କରିବେ ଓ ଅନ୍ୟମାନେ ମଧ୍ୟ ମୋତେ ପସନ୍ଦ କରିବେ । ହଜୁର ସ.ଆ ଉତର ଦେଲେ ସଂସାରର (ମୋହ, ମାୟା)ଠାରୁ ଦୂରେଇ ରୁହ, ନିଜକୁ ସଂସାରରୁ କାଟିନିଅ । ଅଲ୍ଲାଃ ତୁମକୁ ପ୍ରେମ କରିବେ । ଲୋକମାନଙ୍କ ଧନ-ସମ୍ପତି ପ୍ରତି ଲୋଲୁପ ଦୃଷ୍ଟି ରଖ ନାହିଁ, ଏପରି ଲୋକମାନେ ତୁମକୁ ଭଲପାଇବା ଆରମ୍ଭ କରିଦେବେ । ସଂସାର ପ୍ରତି ବିତୃଷା ଭାବ ପ୍ରକାଶ କରିବା ଅର୍ଥ ନୁହେଁ କି ଜଣେ ସଂସାରଠାରୁ ସମ୍ପୂର୍ଣ ରୂପେ ଅଲଗା ହୋଇ ଏକ ବୈରାଗୀ ଜୀବନ ଅତିବାହିତ କରିବା ଆରମ୍ଭ କରିଦେବ । ଇସଲାମରେ ଏପରି ଆଦେଶ ଆଦୌଁ ନାହିଁ । ଆମ୍ଭ ସମ୍ମୁଖରେ ହଜରତ ମହମ୍ମଦ ସ.ଆଙ୍କ ଜୀବନି ରହିଛି । ଆପଣ ବିବାହ କଲେ, ନିଜ ପତ୍ନୀ ଓ ସନ୍ତାନମାନଙ୍କ ପ୍ରତି ନିଜର କର୍ତବ୍ୟ ସମ୍ପାଦନ କଲେ । ଆପଣଙ୍କ ନିକଟକୁ ଧନ ରତ୍ନ ମଧ୍ୟ ଆସିଲା କିନ୍ତୁ ଆପଣ ସେସବୁ ଅଲ୍ଲାଃ ଓ ସୃଷ୍ଟିର କର୍ତବ୍ୟ ସମ୍ପାଦନ କରିବାରେ ଖର୍ଚ୍ଚ କରିଦେଲେ । ହଜୁର ସ.ଆ କହିଲେ ତୁମେମାନେ ମୋ ସୁନ୍ନତ ମୁତାବକ ଅମଳ କରିବା ଅନିର୍ବାର୍ଯ୍ୟ । ସାଧୁ ପରି (ବୈରାଗୀ) ହୋଇଯାଅ ନାହିଁ, ଏହି ସଂସାରରେ ରହି ସମସ୍ତ କର୍ତବ୍ୟ ସମ୍ପାଦନ କର କାରଣ ମୁଁ ଏସବୁ କରୁଅଛି ।

ସୁତରାଂ ଆମ୍ଭକୁ ବୁଝିବା ଉଚିତ୍ ଯେ ଆମ ଉପାସନାରେ ସଂସାର ଯେପରି ବାଧକ ନସାଜେ, ନା ଅଲ୍ଲାଃଙ୍କ ଆଦେଶ ପାଳନ କରିବାରୁ ବଂଚିତ ରଖେ । **ଅର୍ଥ ଉପାର୍ଜନ କରିବାରେ ମଗ୍ନତା ଯେପରି ଆମକୁ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରିବାରୁ ଭ୍ରମିତ କରିନଦେଉ । ଏହିପରି ଅନ୍ୟର ଧନ-ସମ୍ପତି ପ୍ରତି ଯେପରି ଆମର ଲୋଲୁପ ଦୃଷ୍ଟି ନରୁହେ । କାରଣ ଏହା ଅନ୍ୟକୁ କ୍ଷତି ପହଁଚାଇବାରେ ମଣିଷକୁ ପ୍ରଲୋଭିତ କରିଥାଏ । ଦେଖ ସଂସାରରେ ଯେଉଁ ବିଭ୍ରାଟ ଦେଖାଦେଉଛି ତାହାର ମୂଳ କାରଣ ଲୋଭ ଅଟେ ।**

ସ୍ୱୟଂ ହଜରତ ମହମ୍ମଦ ସ.ଆ ସଂସାରରୁ କିପରି ନିଜକୁ ଦୂରେଇ ରଖିଥିଲେ । ଆପଣ କୁହନ୍ତି ସଂସାର ପ୍ରତି ଆଗ୍ରହ ନରଖିବା ଓ ହୃଦୟ ନିର୍ମଳ ରଖିବା ଅର୍ଥ ଏହା ନୁହେଁ କି ମଣିଷ ନିଜ ଉପରେ କୌଣସି ବୈଦ୍ଧ କାର୍ଯ୍ୟକୁ ମଧ୍ୟ ଅବୈଦ୍ଧ କରିନେବ ଏବଂ ନିଜ ଧନ-ସମ୍ପତିକୁ ନଷ୍ଟ କରିଦେବ । ବରଂ ପବିତ୍ର ହୃଦୟ ଏହି କି ଯେ ତୁମେ ନିଜ ଧନ-ସମ୍ପତି ଅପେକ୍ଷା ଅଲ୍ଲାଃଙ୍କ ପୁରସ୍କାର ଓ ତାଙ୍କ କ୍ଷମା ଅଚରଣ ପ୍ରତି ଅଧିକ ଭରଷା ରଖିବା ଉଚିତ୍ ।

ସୁତରାଂ ହଜରତ ମହମ୍ମଦ ସ.ଆ ଆମ୍ଭମାନଙ୍କଠାରୁ, ମୋମିନ୍ ତଥା ନିଜ ମାନ୍ୟକାରୀଙ୍କଠାରୁ ପବିତ୍ର ହୃଦୟ ଓ ସଂସାର ପ୍ରତି ଅନାସକ୍ତ ଭାବନାର ଏହି ସ୍ତର ଆଶା କରିଛନ୍ତି । ଅଲ୍ଲାଃଙ୍କ କୃପାରୁ ଏହି ଯୁଗରେ ଅନେକ ଅହେମଦି ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ଯୋଗୁଁ ଏହି ଶକ୍ତି ନିଜ ଭିତରେ ଉତ୍ପନ୍ନ କରିପାରିଛନ୍ତ ଯଦ୍ୱାରା ସେମାନଙ୍କ ନିକଟରେ ସାଂସାରିକ କ୍ଷତି କୌଣସି ବଡ଼ କଥା ନୁହେଁ ଏବଂ ଏପରି ଅବସ୍ଥାରେ ସେମାନେ ଅଲ୍ଲାଃଙ୍କ ପ୍ରତି ପୂର୍ବ ଅପେକ୍ଷା ଅଧିକ ନତମସ୍ତକ ହେବା କଥା ବୁଝିଥାନ୍ତି । ଅତଏବ ଆମେ ଦେଖୁଅଛୁ କି ପାକିସ୍ତାନ ଓ ଅନ୍ୟ ରାଷ୍ଟ୍ରମାନଙ୍କରେ ବିରୋଧୀମାନେ ଅହେମଦିମାନଙ୍କର ଲକ୍ଷ ଲକ୍ଷ ଓ କୋଟି କୋଟି ଟଙ୍କାର କାରବାର ନଷ୍ଟ କଲେ କିନ୍ତୁ ଅଲ୍ଲାଃଙ୍କ ଉପରେ ଆସ୍ଥା ବାନ୍ଧିଥିବା ଉକ୍ତ ଅହେମଦିମାନେ ନା ପ୍ରଶାସନଠାରୁ ନା ଅନ୍ୟ କୌଣସି ବ୍ୟକ୍ତିଠାରୁ ନିଜର କ୍ଷତି ପୂରଣ ଦାବି କଲେ ବରଂ ଅଲ୍ଲାଃଙ୍କ ଉପରେ ଆସ୍ଥା ରଖିବା ଯୋଗୁଁ ସେମାନଙ୍କର କ୍ଷତି ହୋଇଥିବା ଶହସ୍ର ଓ ଲକ୍ଷାଧିକ ଟଙ୍କା କୋଟି କୋଟି ଟଙ୍କାର (କାରବାର)ରେ  ପରିଣତ ହୋଇଗଲା ।

ସୁତରାଂ ଏହି ନିଦର୍ଶନ ଯେଉଁସ୍ଥଳେ ଅହେମଦିମାନଙ୍କ ବିଶ୍ୱାସକୁ ସୁଦୃଢ କରିଥାଏ ସେଠାରେ ଏହି ବିକଶିତ ରାଷ୍ଟ୍ରମାନଙ୍କୁ ପଳାୟନ କରି ଆସିଥିବା ଅହେମଦିମାନଙ୍କ ମନରେ ଚେତନା ମଧ୍ୟ ଜାଗ୍ରତ କରିବା ଉଚିତ୍ ଯେ, ଆମେ ସାଂସାରିକ ଲୋକମାନଙ୍କ ପରି ଧନ-ସମ୍ପତି ପ୍ରତି ଢଳିବା ଉଚିତ୍ ନୁହେଁ । ଅନ୍ୟମାନଙ୍କ ଧନ-ସମ୍ପତି ପ୍ରତି ଆମ୍ଭର ଲୋଲୁପଦୃଷ୍ଟି ରହିବା ଉଚିତ୍ ନୁହେଁ ବରଂ ହଜରତ ମହମ୍ମଦ ସ.ଆଙ୍କ କହିବା ମୁତାବକ ଯଦି ଆମର ଈର୍ଶା ଭାବନା ରହିବା କଥା ତେବେ ତାହା ଧାର୍ମିକ କ୍ଷେତ୍ରରେ ନିଜଠାରୁ ଉର୍ଦ୍ଧ୍ୱରେ ଥିବା ଲୋକଙ୍କ ପ୍ରତି ରଖିବା ଉଚିତ୍ ଏବଂ ସେହିପରି ନିଜକୁ ଗଢି ତୋଳିବାକୁ ଚେଷ୍ଟା କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ କୁହନ୍ତି- ଅଲ୍ଲାଃ ସାଂସାରିକ କାମଧନ୍ଦାକୁ ବୈଦ୍ଧ କରିଛନ୍ତି । ତେଣୁ ତୁମେ ତାହାର ଏପରି ବ୍ୟବହାର କର ଯେମିତି ତାହା ତୁମ ଧର୍ମ ମାର୍ଗରେ ଉନ୍ନତି କରିବାରେ ସହାୟ ହେବ ଏବଂ ତୁମର ମୂଳ ଲକ୍ଷ ଧର୍ମ ରହିବା ଉଚିତ୍ ଅର୍ଥାତ ସଂସାର ପ୍ରାପ୍ତ କରିବା ଓ ସେଥିରୁ ଉପକୃତ ହେବା ପାଇଁ ଚେଷ୍ଟା କରିବା କିନ୍ତୁ ପ୍ରତି ମୁହୁର୍ତରେ ଅଲ୍ଲାଃଙ୍କ ଭୟ ଓ ଧାର୍ମିକ ଶିକ୍ଷାକୁ ସମ୍ମୁଖରେ ରଖିବା । ହଜୁର ଆ.ସ କୁହନ୍ତି ଆମେ ସାଂସାର ଅର୍ଜନ କରିବାରୁ ମନା କରୁନାହୁଁ, ନା କହୁଛୁ କି ଦିବାରାତ୍ର ସାଂସାରିକ କାମଧନ୍ଦାରେ ମସ୍‌ଗୁଲ୍ ହୋଇ ଅଲ୍ଲାଃଙ୍କୁ ସ୍ମରଣ ଓ ଉପାସନା କରିବା ସମୟ ମଧ୍ୟ ସଂସାର ପ୍ରାପ୍ତିରେ ଅତିବାହିତ କରିବା ଅର୍ଥାତ ଅଲ୍ଲାଃଙ୍କୁ ପାସୋରିଯିବା । ନମାଜ ସମୟରେ Internet, Film କିମ୍ବା ଅନ୍ୟ କୌଣସି କାର୍ଯ୍ୟକ୍ରମ ଦେଖିବାରେ ମସଗୁଲ୍ ରହିବା । ଆପଣ କୁହନ୍ତି ଯଦି କେହି ଏପରି କରୁଥାଏ ତେବେ ଏହା ଅଲ୍ଲାଃଙ୍କ କୃପାରୁ ନିଜକୁ ବଂଚିତ ରଖିବା ଅଟେ । ଏପରି ଅବସ୍ଥାରେ ତାହାର କେବଳ ମୁହଁରୁ (ନିଜକୁ ଅହେମଦି)ଘୋଷଣା କରିବା ମଧ୍ୟରେ ସୀମିତ ରହିଯାଇଥାଏ । ସେ ପ୍ରକୃତ ବୟତ ଓ ବିଶ୍ୱାସ ରଖି ନାହିଁ । ଅତଏବ ଜୀବିତଙ୍କ ସଙ୍ଗତରେ ରୁହ ଯଦ୍ୱାରା ଜୀବିତ ଅଲ୍ଲାଃଙ୍କ ନିଦର୍ଶନ ତୁମେ ଦେଖିପାରିବ ।

ଆଉ ଏକ ସ୍ଥାନରେ ହଜରତ ମସିହ ମଉଦ ଆ.ସ କୁହନ୍ତି- ଏଥିରୁ କେହି ଏହା ବୁଝି ନନିଅନ୍ତୁ ଯେ, ଜଣେ ସଂସାରରୁ ନିଜ ସମ୍ପର୍କ ତୁଟାଇ ବୈରାଗୀ ହୋଇଯିବା ଉଚିତ୍ । **ଜଣେ ମୋମିନ୍‌ର ସାଂସାରିକ ପରିସର ଯେଭଳି ପ୍ରସସ୍ତ ହୋଇଚାଲିବ ତାହାର ଆଧ୍ୟାତ୍ମିକ ସ୍ତର ସେହିପରି ଉଚ୍ଚତର ହେବ ।**

ପୁଣି ଦଣ୍ଡ ଓ ନର୍କର ଚର୍ଚ୍ଚା କରି ହଜୁର ଆ.ସ କୁହନ୍ତି ଏହା ମଧ୍ୟ ବୁଝିବା ଉଚିତ୍ ଯେ ନର୍କ କ'ଣ ? ଗୋଟିଏ ନର୍କ (ପାପିକୁ) ତାହାର ମୃତ୍ୟୁ ପରେ ମିଳିବାର

ଅଲ୍ଲାଃଙ୍କର ପ୍ରତିଶ୍ରୁତି ରହିଛି । ଅନ୍ୟଟି ଏହି ଇହକାଳରେ ଯଦି ତୁମ ଜୀବନରେ ଅଲ୍ଲାଃଙ୍କ ପାଇଁ (ସମୟ) ନାହିଁ ଓ ତୁମେ ତାଙ୍କୁ ସ୍ମରଣ କରୁ ନାହଁ ତେବେ ତାହା ମଧ୍ୟ ଏକ ନର୍କ (ଜୀବନ) ଅଟେ । ଦେଖ ଅବତାରମାନେ ବିଶେଷ କରି ହ. ଇବ୍ରାହିମ୍ ଓ ଯାକୁବ୍ ଆ.ସଙ୍କର ନିଜ ସନ୍ତାନମାନଙ୍କୁ ଏହି ଉପଦେଶ ଥିଲେ କି **ଲା ତମୁତୁନ୍ନା ଇଲ୍ଲା ୱ ଅନ୍ତୁମ୍ ମୁସଲେମୁନ୍** ଅର୍ଥାତ ତୁମେ ଅଲ୍ଲାଃଙ୍କ ସମ୍ପୂର୍ଣ୍ଣ ଆଜ୍ଞାବହ ନହେବାଯାଏ କଦାପି ମୃତ୍ୟୁ ବରଣ କର ନାହିଁ । ମଣିଷକୁ ତ ଜଣା ନାହିଁ କି ତାହାର ଦେହାନ୍ତ କେତେବେଳେ ହେବ ନା ମରିବା ଓ ଜୀବିତ ରହିବା ତାହା ହାତରେ ଅଛି । ତେବେ ଉକ୍ତ ପଙ୍କ୍ତିର ଅର୍ଥ ଏହି କି ଯେ, ପ୍ରତି ମୁହୁର୍ତ୍ତରେ ଅଲ୍ଲାଃଙ୍କ ଆଦେଶ ନିଜ ସମ୍ମୁଖରେ ରଖିବା ଓ ଅନ୍ତିମ ଦିବସ ପ୍ରତି ଚିନ୍ତିତ ହେବା । ଆପଣ କୁହନ୍ତି- ସାଂସାରିକ ଲାଳସା ଏକପ୍ରକାରର ଅପବିତ୍ର ଲୋଭ ଯାହାକି ଇଚ୍ଛା ଓ ପ୍ରାପ୍ତ କରିବାର ତୃଷ୍ଣାକୁ ବଢାଇଦେଇଥାଏ ଏବଂ ଇସ୍‌ତେସ୍କାର ରୋଗୀପରି କଦାପି ତାହାର ତୃଷ୍ଣା ମେଣି ନଥାଏ ।

ସୁତରାଂ ଅଯଥା କାମନା ଓ ଈର୍ଷାପରାୟଣତାର ଅଗ୍ନି ମଧ୍ୟ ସେହି ନର୍କର ଅଗ୍ନି ସଦୃଶ । ଯାହାକି କଦାପି ମଣିଷର ହୃଦୟକୁ ଶାନ୍ତି ଓ ସ୍ଥିରତା ପ୍ରଦାନ କରିନଥାଏ ବରଂ ଏକ ପ୍ରକାରର ଅସ୍ଥିରତା ଓ ଅଶାନ୍ତି ମଧ୍ୟରେ ବାନ୍ଧିରଖେ । ଅତଏବ ମୋ ବନ୍ଧୁମାନଙ୍କ ଦୃଷ୍ଟିରୁ କଦାପି ଏକଥା ଲୁଚି ରହିନଯାଉ କି ମଣିଷ ଧନ-ସମ୍ପତି, ସନ୍ତାନ ଓ ପ୍ରିୟଜନଙ୍କ ପ୍ରେମର ଉତେଜନା ଓ ନିସାରେ ଏପରି ପାଗଳ ହେବା ଉଚିତ୍ ନୁହେଁ କି ତାହା ତାହାର ସୃଷ୍ଟିକର୍ତ୍ତା ଓ ତା'ମଧ୍ୟରେ ଏକ ପରଦା ପକାଇଦେବ ।

ସୁତରାଂ ଆମ୍ଭକୁ ଯେପରି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଆରାମ ଓ ବିଳାଷ ପୂର୍ଣ୍ଣ ଜୀବନ ଅଲ୍ଲାଃଙ୍କ ଉପାସନାରୁ ଭ୍ରମିତ ନକରୁ । ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରିବାରୁ ବଂଚିତ ନରଖୁ । ଆମର ଆର୍ଥିକ ସ୍ତରରେ ସୁଦୃଢ ହେବା ନିଜ ଗରିବ ଭାଇମାନଙ୍କ ସାହାର୍ଯ୍ୟ କରିବାରୁ କଦାପି ବଂଚିତ ନରଖୁ । ସେହିପରି ଧର୍ମ ପ୍ରଚାର କ୍ଷେତ୍ରରେ ମଧ୍ୟ ନିଜର କର୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ ନା କି ତାହାକୁ ଭୁଲିଯାଉ । ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବାର ଉଦ୍ଦେଶ୍ୟ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରିବା ସହିତ ଭକ୍ତମାନଙ୍କ ତଥା ଧର୍ମ ପ୍ରଚାରର କର୍ତବ୍ୟ ସମ୍ପାଦନ କରିବା । ଏପରି ଆମେ ସାଂସାରିକତା ଉପରେ ଧର୍ମକୁ ପ୍ରାଥମିକତା ଦେବାର ଉଦ୍ଦେଶ୍ୟ ପୂରଣ କରିପାରିବା । ଅଲ୍ଲାଃ କରନ୍ତୁ କି ଆମେ ସର୍ବଦା ତାଙ୍କର ପ୍ରିତୀଭାଜନ ଲାଭ କରିବା ଲକ୍ଷରେ ରହିଥାଉ, କଦାପି ଏହି ଛଳନାମୟ ସଂସାର ଆମକୁ ନିଜର ବଶଃବର୍ତୀ କରିନପାରୁ । ଆମ୍ଭେ ଏହି ସଂସାରର ଅଗ୍ନିରୁ ରକ୍ଷା ପାଇବା ସହିତ ଅନ୍ତିମ ଦିବସର ଅଗ୍ନିରୁ ମଧ୍ୟ ରକ୍ଷାପ୍ରାପ୍ତିକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେଉ । ଅଲ୍ଲାଃଙ୍କ କୃପା ଓ ପ୍ରିତୀଭାଜନ ଆମ୍ଭକୁ ଏହି ସଂସାରରେ ବୈକୁଣ୍ଠ ପ୍ରାପ୍ତି କରିବା ସହିତ ପରକାଳରେ ମଧ୍ୟ ବୈକୁଣ୍ଠ ପ୍ରାପ୍ତିରେ ସହାୟ ହେଉ

ହଜୁର ଅନଓ୍ୱର ଅ.ବ କହିଲେ- ନମାଜ ପରେ ମୁଁ ଦୁଇ ଗୋଟି ଜନାଯାଃ ଗାଏବ ପାଠ କରାଇବି ଗୋଟିଏ ଶ୍ରୀମାନ ବଶାରତ ଅହେମଦ ସାହେବ ପିତା ଶ୍ରୀମାନ ମହମ୍ମଦ ଅବଦୁଲ୍ଲାଃ ସାହେବ ଖାନପୁର ଜିଲ୍ଲା ରହିମୟାର ଖାଁ ଯାହାଙ୍କୁ ଚଳିତ ମାସ ୩ ତାରିଖରେ ଶହିଦ୍ କରିଦିଆଗଲା ।

**ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** ।

ଦ୍ୱିତୀୟ ଜନାଯାଃ ଅଧ୍ୟାପିକା ତାହେରା ପରୱୀନ୍ ମଲକ୍ ପିତା ମଲକ୍ ମହମ୍ମଦ ଅବଦୁଲ୍ଲାଃ ସାହେବଙ୍କର ଅଟେ । ସେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା ଥିଲେ । ଚଳିତ ଅପ୍ରେଲ୍ ମାସ ୧୭ ତାରିଖରେ ଉକ୍ତ ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀ ତାଙ୍କୁ ଛୁରୀମାରି ଶହିଦ କରିଦେଲେ **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** । ହଜୁର ଅନଓ୍ୱର ଉଭୟଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ତାଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

## ରୋଜା ସମୟରେ ପ୍ରତ୍ୟେକ ପ୍ରକାରର କୁକର୍ମରୁ ବଂଚିବା ପାଇଁ ଚେଷ୍ଟା କରନ୍ତୁ

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଉପଦେଶ**

ପବିତ୍ର ହଦିସ୍ ୱସ୍ ସିୟାମୁ ଜୁନ୍ନତୁନ୍ ଅର୍ଥାତ୍ ରୋଜା ଢ଼ାଲ ଅଟେ ର ବ୍ୟାଖ୍ୟା କରି ସୟଦ୍‌ନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି:-

ଏହି ଢ଼ାଲକୁ ତ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି । କିନ୍ତୁ ଏହା ବ୍ୟବହାର କରିବାର ଉପାୟ ଜାଣିବା ମଧ୍ୟ ଆବଶ୍ୟକ । ଏହାର ବି କିଛି ଆବଶ୍ୟକତା ଅଛି ଯାହାକୁ ପୁରା କରିବା ଦରକାର । ତେବେ ଯାଇ ଏହି ଢ଼ାଲର ସୁରକ୍ଷାରେ ତକ୍‌ୱା ଗ୍ରହଣ କରିବାର ଶକ୍ତି ମିଳିବ । ଏହି ଢ଼ାଲ ସେ ପର୍ଯ୍ୟନ୍ତ କାମ ଦେବ ଯେପର୍ଯ୍ୟନ୍ତ ରୋଜା ରଖିବା ସମୟରେ ଆମ୍ଭେ ପ୍ରତ୍ୟେକ ପ୍ରକାର କୁକର୍ମରୁ ବଂଚିବା ପାଇଁ ଚେଷ୍ଟା କରି ଚାଲିବା । ମିଛ କହିବା ନାହିଁ, ଚୁଗୁଲି କରିବା ନାହିଁ ଏବଂ ଜଣେ ଅନ୍ୟ ଜଣକର ଅଧିକାରକୁ ଛଡାଇ ନେବାନାହିଁ । ନିଜ ଶରୀରର ପ୍ରତ୍ୟେକ ଅଙ୍ଗକୁ ଏପରି ସମ୍ଭାଳି ରଖିବା ଯାହାଦ୍ୱାରା କଦାପି କୌଣସି ପ୍ରକାର ଅତ୍ୟାଚାର ହେବନାହିଁ । ଜଣେ ଅନ୍ୟଜଣଙ୍କର ଭୁଲ୍ ଦେଖିବା ପରିବର୍ତେ ନିଜ ଭୁଲ୍‌କୁ ଖୋଜିବା ଦରକାର । ଜଣେ ଅନ୍ୟ ଜଣଙ୍କର କୁକର୍ମକୁ ଖୋଜିବା ପରିବର୍ତେ ନିଜର କୁକର୍ମ, ଦୁର୍ବଳତା ଏବଂ ଅଳସୁଆମି ପଣକୁ ଖୋଜି ବାହାର କରିବା ଦରକାର....ରୋଜା ସମୟରେ ଯେତେବେଳେ ଏହିପରି ନିଜର ନିଜେ ପରଖୁଥିବ କାନ, ଆଖି, ଜିଭ, ହାତ ଦ୍ୱାରା ଅନ୍ୟକୁ ନା କେବଳ ସୁରକ୍ଷିତ ରଖୁଥିବ ବରଂ ତାଙ୍କର ସାହାଯ୍ୟ କରୁଥିବ ତେବେ ଯାଇ ଏହି ରୋଜା ତକ୍‌ୱାକୁ ବଢ଼ାଇବା ବାଲା ହେବ । ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଅସଂଖ୍ୟ ପୁରସ୍କାର ପାଇପାରିବ ।

**(ଖୁତ୍‌ବାଜୁମା ୭ ଅକ୍ଟୋବର-୨୦୦୫)**

ପାଳନକର୍ତ୍ତା ଅଟନ୍ତି । ଏବଂ ସେ ତ ସେମାନଙ୍କର ମଧ୍ୟ ପାଳନକର୍ତ୍ତା ଅଟେ ଯେ ତାକୁ ମାନେନାହିଁ । ସେଥିଯୋଗୁଁ ପ୍ରକୃତିର ନିମୟାନୁଯାୟୀ ଅଲ୍ଲାଃତାଲା ସମସ୍ତ ମାନବ ଜଗତର ଉନ୍ନତି ପାଇଁ ସାଧନ ଉପଲବ୍ଧ କରାଇଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏତଦ୍‌ବ୍ୟତୀତ ପବିତ୍ର କୋରାନ୍‌ରେ ସୁରା ଅମ୍ବେୟାର ଆୟତ ନଂ-୧୦୮ ରେ ଅଲ୍ଲାଃତାଲା ଇସଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ଏ ସଂସାରରେ କେବଳ ମୁସଲମାନମାନଙ୍କ ପାଇଁ ସ୍ନେହ, ପ୍ରେମ, ସହାନୁଭୁତିର ମାଧ୍ୟମ କରି ପ୍ରେରଣ କରିନାହାଁନ୍ତି ବରଂ ସମସ୍ତ ଧର୍ମ ଓ ବିଭିନ୍ନ ବିଶ୍ୱାସକାରୀମାନଙ୍କ ପାଇଁ ଆପଣ ସ:ଆ:ସ ରହମତୁଲ ଲିଲ୍ ଆଲମିନ୍ ହୋଇ ପ୍ରେରଣ ହୋଇଛନ୍ତି । ପବିତ୍ର କୋରାନ୍‌ରୁ ଏହା ଜଣାପଡୁଛି ଯେ କୌଣସି ବ୍ୟକ୍ତି ବା କୌଣସି ଜାତି ଖୁଦତାଲାଙ୍କ ଉପରେ ଠିକାଦାରର ଦାବି କରିପାରିବ ନାହିଁ । କାରଣ ସେ ସମଗ୍ର ମାନବଜାତିର ଖୁଦା ଅଟନ୍ତି ଏବଂ ତତ୍ ସହିତ ସେ ଦୟାଳୁ ଓ କୃପାଳୁ ମଧ୍ୟ ଅଟନ୍ତି । ସେହିପରି ସେ ରସୁଲେ କରିମ୍ ସ:ଆ:ସଙ୍କୁ ସମଗ୍ର ମାନବ ଜାତି ପାଇଁ ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟର ଶ୍ରୋତ କରି ପଠାଇଛନ୍ତି । ଏହା ଯଦି ଇସଲାମ୍‌ର ମୂଳ ତତ୍ୱ ତେବେ ପ୍ରକୃତ ମୁସଲମାନ ପାଇଁ ଏହା କିପରି ସମ୍ଭବ ଯେ ସେ ଅଲ୍ଲାଃତାଲାଙ୍କ ମଖଲୁକ୍‌ଙ୍କ ସହିତ ବିଭିନ୍ନ ପ୍ରକାର ଅତ୍ୟାଚାର, ଅନ୍ୟାୟ ଓ ଜୁଲମ୍ କରିପାରିବ ? ନିଶ୍ଚିତ ରୂପେ ଜଣେ ସଚ୍ଚା ମୁସଲମାନ ଏହା ଭାବିପାରିବ ନାହିଁ ଯେ କାହାକୁ ସେ କଷ୍ଟ ପହଁଚାଉ ବା କାହାପ୍ରତି ସେ ଖରାପ ନିୟତ ରଖୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସୁତରାଂ ଏହାହିଁ ସେହି ପୁଣ୍ୟ ଶିକ୍ଷା ଯାହାର ଆଧାରରେ ଯମାତ ଅହେମଦୀୟା ନିଜର ବାର୍ତ୍ତା ***ମହବତ୍ ସବ୍‌କେଲିଏ ନଫରତ୍ କିସି ସେ ନେହିଁ*** ଅର୍ଥାତ ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ । ସାରା ସଂସାରରେ ପ୍ରସାର କରି ଚାଲିଛି । ଏହା ହିଁ ସେହି ପୁଣ୍ୟ ଶିକ୍ଷା ଯେଉଁଥି ପାଇଁ ଅହେମଦୀ ମୁସଲମାନ କୌଣସି ପ୍ରକାରର ଶତୃତା ଓ ଘୃଣାଭାବ ରଖନ୍ତି ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:-ପ୍ରଶ୍ନ ଏହା ଯେ ଆମେ ଆମ ଜୀବନରେ କଣ ଚାହୁଁଛେ ? କଣ ଆମେ କଠୋରତା ଓ କଷ୍ଟ ଚାହୁଁଛେ, କଣ ଆମେ ଅନ୍ୟାୟ ଚାହୁଁଛେ, କଣ ଆମ ଚାହୁଁଛେ ଯେ ଆମ ସହିତ ଅତ୍ୟାଚାର ହେଉ, କଣ ଆମେ ଚାହୁଁଛେ ଯେ ଆମେ ଗରିବ ହୋଇଯାଉ ଏବଂ ପ୍ରତ୍ୟେକ ରାତି ଭୋକିଲା ଶୋଇଯାଉ, କଣ ଆମେ ଏହା ଚାହୁଁଛେ ଯେ ଆମର ପିଲାମାନେ କ୍ଷତିକାରକ ରୋଗରେ ପିଡ଼ୀତ ହୋଇଯାଆନ୍ତୁ ଏବଂ ତାଙ୍କୁ ଶିକ୍ଷା ନମିଳୁ ଏବଂ ସେମାନଙ୍କୁ ଚାରିଆଡୁ ବିପଦ ଘେରିଆସୁ ? ନିଶ୍ଚିତ ରୂପେ କୌଣସି ମନୁଷ୍ୟ ଏହା ମଧ୍ୟରୁ କୌଣସି ଗୋଟିଏ ବି ଚାହିଁବ ନାହିଁ । ତେଣୁ ମୁସଲମାନ ହିସାବରେ ଆମକୁ ଦରକାର ଯେ ଆମେ କେବଳ ନିଜ ପାଇଁ ନୁହେଁ ବରଂ ଅନ୍ୟମାନଙ୍କ ପାଇଁ ମଧ୍ୟ ଖୁସି ଚାହିଁବା । ଆମକୁ ଆମର ହୃଦୟ ମାନବ ଜାତି ପାଇଁ ଖୋଲା ରଖିବା ଉଚିତ୍ । ଆମେ ଅନ୍ୟର ଦୁଃଖକୁ ନିଜର ଦୁଃଖ ପରି ଅନୁଭବ କରିବା ଉଚିତ୍ । ଜଣେ ମୁସଲମାନପାଇଁ ଏହା ଧାର୍ଯ୍ୟ ଅଟେ ସେ ଅନ୍ୟମାନଙ୍କର ଅଧିକାରକୁ ପ୍ରଦାନ କରୁ, ଅନ୍ୟମାନଙ୍କ ପାଇଁ ସଦିଚ୍ଛା ରଖୁ । ଅନ୍ୟମାନଙ୍କର ଖିଆଲ ରଖୁ ଏବଂ ଆବଶ୍ୟକ ପଡ଼ିଲେ ଅନ୍ୟମାନଙ୍କୁ ସାହାଯ୍ୟ କରୁ ସେ ଯେ କୌଣସି ଧର୍ମର ହୋଇଥାଉ ବା କେଉଁ ଇଲାକାର ହୋଇଥାଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ବେଳେବେଳେ ଏପରି ଅବସ୍ଥା ଆସିଯାଏ ଯଦ୍ୱାରା ଲୋକମାନଙ୍କ ମଧ୍ୟରେ ଲଢ଼େଇ, ଝଗଡ଼ାର କାରଣ ହୋଇଯାଏ । ମଣିଷର ପ୍ରକୃତି ଏପରି ଯେ ପ୍ରତ୍ୟେକଙ୍କ କଥାକୁ ମାନିବା ଅସମ୍ଭବ । ତେଣୁ କେବେକେବେ ମତଭେଦ ପ୍ରକାଶ ପାଏ । କିନ୍ତୁ ଏହି ମତଭେଦକୁ ଦୂର କରିବା ପାଇଁ ଚାବି ଏହା ଅଟେ ଯେ ଅନ୍ୟମାନଙ୍କୁ ଅଗ୍ରାଧିକାର ଦିଆଯାଉ ଓ ନ୍ୟାୟ ସହିତ କାର୍ଯ୍ୟ ହେଉ । କୌଣସି ପ୍ରକାର ମତଭେଦକୁ ନିଃଶେଷ କରିବା ପାଇଁ ନ୍ୟାୟ ଏକ ମୂଳ ଆବଶ୍ୟକ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ସୁତରାଂ ପବିତ୍ର କୋରାନ୍‌ର ବହୁତ ସ୍ଥାନରେ ଅଲ୍ଲାଃତାଲା ମୁସଲମାନଙ୍କୁ ନ୍ୟାୟ ରୂପରେ ତିଷ୍ଟି ରହିବା ପାଇଁ ଏବଂ ଅନ୍ୟମାନଙ୍କ ସହିତ ଉତମ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୁରା ନିସାର ଆୟତ ନଂ-୧୩୬ ରେ ନ୍ୟାୟର ବହୁତ ଉତମ ସ୍ତରର ବ୍ୟାଖ୍ୟା କରାଯାଇଛି । ମୁସଲମାନମାନଙ୍କୁ ଏ ଶିକ୍ଷା ଦିଆଯାଇଛି ଯେ ସେ ନିଜର ଇଚ୍ଛା ଏବଂ ସମ୍ପର୍କୀୟମାନଙ୍କୁ ଗୋଟିଏ ପଟେ ରଖି ଖୁଦାତାଲାଙ୍କ ପାଇଁ ସାକ୍ଷୀ ଦେଉ । ଏହି ଆୟତ୍‌ରେ ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ନ୍ୟାୟ ପ୍ରତିଷ୍ଠା କରିବା ପାଇଁ ଯଦି ମଣିଷକୁ ନିଜ ବିରୋଧରେ, ନିଜ ମା'ବାପାଙ୍କ ବିରୋଧରେ ବା ନିଜର ପ୍ରିୟତମଙ୍କ ବିରୋଧରେ ମଧ୍ୟ ସାକ୍ଷୀ ଦେବାକୁ ପଡ଼େ ତେବେ ଖୁସିର ସହିତ ସାକ୍ଷୀ ଦିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:-ଇସଲାମ୍ ଏ ଶିକ୍ଷା ମଧ୍ୟ ଦେଉଛି ଯେ ଜଣେ ଲୋକର ସର୍ବପ୍ରଥମ ବନ୍ଧୁ ସର୍ବଦା ସତ୍ୟତା ହେବା ଉଚିତ୍ । ସେଥିପାଇଁ ତାକୁ କଦାପି ବାସ୍ତବିକତାକୁ ଲୁଚାଇବା ଉଚିତ୍ ନୁହେଁ ଓ ମିଛି ସାକ୍ଷୀ ଦେବା ମଧ୍ୟ ଉଚିତ୍ ନୁହେଁ । ମଣିଷକୁ କଦାପି ନିଜ ଇଚ୍ଛା ପଛରେ ଚାଲିବା ଉଚିତ୍ ନୁହେଁ । କାରଣ ଏଥିରେ ଘୃଣାଭାବ ଓ ଶତ୍ରୁତା ଜନ୍ମ ନେଇଥାଏ । ଫଳତଃ ସେ ଉଚିତ୍ କଥାରୁ ଦୂରେଇ ଯାଇଥାଏ । ଏହି ସ୍ୱର୍ଣ୍ଣିମ ନିୟମ ସଂସାରରେ ସମସ୍ୟାକୁ ଦୂରକରିବା ପାଇଁ ଏବଂ ପ୍ରତ୍ୟେକ ପ୍ରକାର ଘୃଣାକୁ ଶାନ୍ତି, ଅମନ୍, ଧୈର୍ଯ୍ୟ ଓ ନିଜ ନିଜ ମଧ୍ୟରେ ସମ୍ମାନ ବଦଳାଇ ଦେବା ପାଇଁ ଉତମ ମାଧ୍ୟମ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ସୁରା ନହଲ ଆୟତ ନଂ-୯୧ ରେ ଅଲ୍ଲାଃତାଲା ମୁସଲମାନମାନଙ୍କୁ ନିର୍ଦ୍ଦେଶଦେଇ କହୁଛନ୍ତି ଯେ ସେମାନେ ନା କେବଳ ସତ କୁହନ୍ତୁ ଓ ନ୍ୟାୟ ସହିତ କାର୍ଯ୍ୟ କରନ୍ତୁ ବରଂ ଅନ୍ୟମାନଙ୍କ ଉପରେ ଅନୁଗ୍ରହ ମଧ୍ୟ କରନ୍ତୁ । ଏବଂ ଏହା ପବିତ୍ର କୋରାନ୍‌ର ନିର୍ଦ୍ଦେଶମାନର କୌଣସି ଶେଷ ସୀମା ନୁହେଁ କାରଣ ଯେତେବେଳେ ଜଣେ ବ୍ୟକ୍ତି ଅନ୍ୟ ଉପରେ ଅନୁଗ୍ରହ କରିଥାଏ ଏଥିରେ ଏହା ମଧ୍ୟ ଇଚ୍ଛା ଥାଏ ତା ବଦଳରେ ତାକୁ କିଛି ବଦଳା ମିଳୁ ବା ସେ କିଛି ମନେ ପକାଉ ଯେ ସେ ତା ଉପରେ କେବେ ଦୟା କରିଥିଲା । ତେଣୁ ପବିତ୍ର କୋରାନ୍ କହୁଛି ଯେ ମନୁଷ୍ୟଙ୍କୁ ଏପରି ଦେବା ଉଚିତ୍ ଯେପରି ନିଜ ସମ୍ପର୍କୀୟମାନଙ୍କୁ ଦିଆଯାଏ । ଏହାର ଅର୍ଥ ଏପରି ଯେ ମୁସଲମାନମାନଙ୍କୁ ଦରକାର ସେ ସେମାନେ ଅନ୍ୟ ସହିତ ଏପରି ବ୍ୟବହାର କରନ୍ତୁ ଯେପରି ସେ ନିଜର ପ୍ରିୟତମ ଓ ନିକଟ ସମ୍ପର୍କୀୟଙ୍କ ସହିତ ବ୍ୟବହାର କରିଥାଏ । ଅର୍ଥାତ୍ ଅନ୍ୟମାନଙ୍କ ସହିତ ସହାନୁଭୁତି ଓ ପ୍ରେମ କରିବା ବାଲା ହେଉ । ଏବଂ କୌଣସି ବଦଳା ବିନା ଅନ୍ୟଙ୍କର ସେବା ପାଇଁ ପ୍ରସ୍ତୁତ ହୋଇଯାଉ । ଯେପରି ମା'କୌଣସି ବଦଳା ନ ନେଇ ନିଜ ପିଲାର ଲାଳନ ପାଳନ କରିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ସୁତରାଂ ଇସଲାମ୍ ମୁସଲମାନଙ୍କ ଭିତରେ ପୁଣ୍ୟର ଆତ୍ମା ଫୁଙ୍କିଥାଏ ଏବଂ ସେମାନଙ୍କୁ ମାନବଜାତିର ଉନ୍ନତି ପାଇଁ ନିଜର ହୃଦୟକୁ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଏହି ସ୍ୱର୍ଣ୍ଣିମ ସିଦ୍ଧାନ୍ତ ଉପରେ ଅମଲ କରାଯାଏ ତେବେ ଆମେ ଆମର ଚତୁଃପାର୍ଶ୍ୱରେ ଥିବା ଘୃଣାର ପାଚେରିକୁ ଭାଙ୍ଗି ପାରିବା । ଫଳତଃ ସେହି ବାଡ଼କୁ ନିଃଶେଷ ହୋଇପାରିବ ଯାହା ମନୁଷ୍ୟ ମଧ୍ୟରେ ବିଭେଦ ଜନ୍ମ କରିଥାଏ । ଏହି ସିଦ୍ଧାନ୍ତ ସମାଜକୁ ସୁଧାରିବା ସହିତ ପୃଥିବୀ ପୃଷ୍ଠରେ ଶାନ୍ତି ସ୍ଥାପନ କରିପାରିବ ।

କ୍ରମଶଃ...

**(ବ ହଓ୍ୱାଲା ଅଖବାର୍ ବଦର୍ ୧୯ ଜାନୁଆରୀ ୨୦୧୭)**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 08 JUNE 2017 Issue No. 23

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

# କାନାଡ଼ାର ୱାନ୍‌ଠାରେ ପିସ୍ ସିମ୍ପୋଜିୟମ୍ ଅନୁଷ୍ଠିତ ।

**ଯମାତ୍ ଅହେମଦୀୟାରେ କୌଣସି ନୂତନତ୍ୱ ନାହିଁ ବା ସେ କୌଣସି ନୂଆ ଇସ୍‌ଲାମ ଶିଖାଇବା ଫିରକା ନୁହେଁ ବରଂ ଆମେ ତ ଇସ୍‌ଲାମ୍‌ର ସେହି ବାସ୍ତବିକ ଶିକ୍ଷା ଉପରେ ଅମଲ କରୁଚ୍ଛୁ ଯାହାକୁ ପବିତ୍ର କୋରାନ୍ ଓ ରସୁଲ୍ କରିମ୍ ସ:ଆ:ସ ବର୍ଣ୍ଣନା କରିଛନ୍ତି ।**

**ଆମେ ଅନ୍ୟ ଧର୍ମ ଓ ଫିରକା ସହିତ ସ୍ନେହ ଓ ସୌହାର୍ଦ୍ଦ୍ୟର ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛୁ ।**

**କିନ୍ତୁ ଏହା ଏଥିପାଇଁ ନୁହେଁ ଯେ ଆମେ ଇସ୍‌ଲାମ୍‌ଠାରୁ ଦୂରେଇ ରହିଛୁ ବା ତା ଶିକ୍ଷା ଭିତରେ କୌଣସି ନୂତନତ୍ୱ ବା ନୂଆ ଚେହେରାକୁ ଆଣିଛୁ ବରଂ ଏହ ଏଥିପାଇଁ ଯେ ଆମେ ଇସ୍‌ଲାମ୍‌ର ଅସଲ ଶିକ୍ଷା ଉପରେ ଅମଲ କରୁଅଛୁ ।**

## ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ବାବରକତ୍ ଯୋଗଦାନ ଓ ହୃଦୟସ୍ପର୍ଶୀ ଭାଷଣ

**୨୨ ଅକ୍ଟୋବର ୨୦୧୬**
**(ଶନିବାର)**
**ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ**

### ଭାଷଣ

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଭାଷଣର ପ୍ରାରମ୍ଭ ବିସ୍‌ମିଲାଃହିର୍ ରହ୍‌ମା ନିର୍‌ରହିମ୍ ରୁ ଆରମ୍ଭ ହେଲା । ତା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ହେ ସମସ୍ତ ସମ୍ମାନୀୟ ଅତିଥି ବୃନ୍ଦ ! ଅସ୍‌ସଲାମ୍ ଆଲେକୁମ୍ ଓ୍ୱ ରହ୍‌ମତୁଲାଃ ହେ ଓ୍ୱ ବରକାତୁହୁ ।

ଆପଣ ସମସ୍ତଙ୍କ ଉପରେ ଅଲ୍ଲାଃତାଲାଙ୍କ କରୁଣା ଓ ଅନୁଗ୍ରହ ଅବତୀର୍ଣ୍ଣ ହେଉ । ଏହି ମୌକାରେ ମୁଁ ସର୍ବପ୍ରଥମେ ଆପଣ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ଆପଣମାନେ ବହୁତ ପ୍ରେମର ସହିତ ଆମ ନିମନ୍ତ୍ରଣକୁ ଗ୍ରହଣ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ: -ଯମାତ୍ ଅହେମଦୀୟା ଇସ୍‌ଲାମ୍‌ର ଏକ ଫିରକା ଅଟେ ଯାହା ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜରତ୍ ମୁହମ୍ମଦ୍ ସ:ଆ:ସଙ୍କ ୧୪୦୦ ବର୍ଷ ପୂର୍ବେ କରିଥିବା ଭବିଷ୍ୟବାଣୀ ଅନୁଯାୟୀ ପ୍ରତିଷ୍ଠା ହୋଇଛି । ସେଥିଯୋଗୁଁ ଯମାତ୍ ଅହେମଦୀୟା ଅନ୍ୟ ଫିରକା ମାନଙ୍କଠାରୁ ଭିନ୍ନ ଅଟେ । କାରଣ ନିଶ୍ଚିତ ରୂପେ ରସୁଲେ କରିମ୍ ସ:ଆ:ସ ଭବିଷ୍ୟବାଣୀ କରିଥିଲେ ଯେ ମୁସଲ୍‌ମାନ ମାନେ ଭାଗଭାଗ ହୋଇଯିବେ । କିନ୍ତୁ ଆପଣ ସ:ଆ:ସ କୌଣସି ବିଶେଷ ଫିରକାର ଚର୍ଚ୍ଚା କରିନାହାଁନ୍ତି । ରସୁଲେ କରିମ୍ ସ:ଆ:ସ ଏହି ଭବିଷ୍ୟବାଣୀରେ ଏପରି ଏକ ଯୁଗର ଖବର ଦେଇଛନ୍ତି ଯେତେବେଳେ ମୁସଲମାନଙ୍କ ମଧ୍ୟରୁ ଅଧିକାଂଶ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାଠାରୁ ଦୂରେଇ ଯିବେ ଏବଂ ସେମାନଙ୍କର କାର୍ଯ୍ୟ ଦୀନ୍‌ର ମୁତାବିକ୍ ହେବନାହିଁ ତତ୍‌ସହିତ ଆପଣ ସ:ଆ:ସ ଗୋଟିଏ ଖୁସିର ଖବର ମଧ୍ୟ ଦେଇଥିଲେ ଯେ ଏହିପରି ଆଧାତ୍ମିକ ଅନ୍ଧାର ଯୁଗରେ ଅଲ୍ଲାଃତାଲା ଜଣକୁ ମସିହ୍ ମଉଦ୍ ଓ ଇମାମ୍ ମେହେଦୀ ରୂପେ ପ୍ରେରଣ କରିବେ । ସେ ସମଗ୍ର ସଂସାରକୁ ସଠିକ୍ ଓ ଶାନ୍ତିପୂର୍ଣ୍ଣ ଶିକ୍ଷା ଦ୍ୱାରା ପ୍ରଜ୍ୱଳିତ କରାଇବେ ।

ହଜୁର ଅନୁଓ୍ୱର୍ ଅ:ବ:ଅ କହିଲେ:- ଆମେ ଅହେମଦୀ ମୁସଲ୍‌ମାନ ଏ ବିଶ୍ୱାସ ରଖୁଛୁ ଯେ ଆମ ଫିରକାର ପ୍ରତିଷ୍ଠାତା ହି ସେହି ମସିହ୍ ମଉଦ୍ ଓ ଇମାମ୍ ମେହେଦୀ ଅଟନ୍ତି । ଯିଏ ଇସ୍‌ଲାମର ପ୍ରତିଷ୍ଠାତା ସ:ଆ:ସଙ୍କ ଭବିଷ୍ୟବାଣୀ ଅନୁସାରେ ପ୍ରେରଣ ହୋଇଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଜୀବନରେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ଆଲୋକପାତ କରି ସଂସାରବାସୀଙ୍କ ପାଇଁ ଇସ୍‌ଲାମର ପ୍ରକୃତ ଶିକ୍ଷାକୁ ଉପସ୍ଥାପନ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ସର୍ବପ୍ରଥମେ ତ ଏହା ମୁଁ ସ୍ପଷ୍ଟ କରିବାକୁ ଚାହେଁ ଯେ ଯମାତ୍ ଅହେମଦୀୟାରେ କୌଣସି ନୂତନତ୍ୱ ନାହିଁ ବା ସେ କୌଣସି ନୂଆ ଇସ୍‌ଲାମ ଶିଖାଇବା ଫିରକା ନୁହେଁ ବରଂ ଆମେ ତ ଇସ୍‌ଲାମ୍‌ର ସେହି ବାସ୍ତବିକ ଶିକ୍ଷା ଉପରେ ଅମଲ କରୁଛୁ ଯାହାକୁ ପବିତ୍ର କୋରାନ୍ ଓ ରସୁଲ୍ କରିମ୍ ସ:ଆ:ସ ବର୍ଣ୍ଣନା କରିଛନ୍ତି । ଏହି ମହାନ୍ ଶିକ୍ଷାକୁ ଦୁଇଟି ବାକ୍ୟରେ ଏପରି କୁହାଯାଇପାରିବ । ଅର୍ଥାତ୍ ନିଜର ବାସ୍ତବିକ ସୃଷ୍ଟିକର୍ତାଙ୍କ ସହିତ ପ୍ରେମକର ଏବଂ ତାଙ୍କର ଅଧିକାର ପ୍ରଦାନ କର । ଏବଂ ଦ୍ୱିତୀୟଟି ତାଙ୍କ ସୃଷ୍ଟଜଙ୍କ ସହିତ ପ୍ରେମକର ଓ ସେମାନଙ୍କର ଅଧିକାରକୁ ମଧ୍ୟ ପ୍ରଦାନ କର ।

ହଜୁର ଅନୁଓ୍ୱର୍ ଅ:ବ:ଅ କହିଲେ:- ମୁସଲ୍‌ମାନମାନଙ୍କୁ ଅଲ୍ଲାଃତାଲାଙ୍କର ମଖଲୁକ୍ ବିଶେଷ କରି ମଣିଷ ଯାହାକୁ ଅଲ୍ଲାଃତାଲା ସର୍ବଶ୍ରେଷ୍ଠ ସୃଷ୍ଟି ବୋଲି ଅଭିହିତ କରିଛି । ତାଙ୍କ ସହିତ ପ୍ରେମ, ସ୍ନେହ ଓ ସହାନୁଭୁତି କରିବା ପାଇଁ ଶିକ୍ଷା ଦିଆଯାଇଛି । ଏହା ଠିକ୍ କଥା ଯେ ଆମେ ଅହେମଦୀ ମୁସଲ୍‌ମାନ ଓ ଶାନ୍ତିପ୍ରିୟ ଅଟୁ । ଆମେ ଅନ୍ୟ ଧର୍ମ ଓ ଫିରକା ସହିତ ସ୍ନେହ ଓ ସୌହାର୍ଦ୍ଦ୍ୟର ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛୁ । କିନ୍ତୁ ଏହା ଏଥିପାଇଁ ନୁହେଁ ଯେ ଆମେ ଇସ୍‌ଲାମ୍‌ଠାରୁ ଦୂରେଇ ରହିଛୁ ବା ତା ଶିକ୍ଷା ଭିତରେ କୌଣସି ନୂତନତ୍ୱ ବା ନୂଆ ଚେହେରାକୁ ଆଣିଛୁ ବରଂ ଏହ ଏଥିପାଇଁ ଯେ ଆମେ ଇସ୍‌ଲାମ୍‌ର ଅସଲ ଶିକ୍ଷା ଉପରେ ଅମଲ କରୁଅଛୁ । ଯେପରି ଏବେ ମୁଁ କହିଲି ଯେ ଅଲ୍ଲାଃତାଲାଙ୍କ ଅଧିକାର ଓ ତାଙ୍କ ମଖଲୁକ୍‌ର ଅଧିକାରକୁ ପ୍ରଦାନ କରିବା ହିଁ ଇସ୍‌ଲାମ୍‌ର ମୂଳ ଶିକ୍ଷା ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଏବେ ମୁଁ ବତାଇବାକୁ ଚାହୁଁଛି ଯେ କିପର ପବିତ୍ର କୋରାନ୍ ମୁସଲ୍‌ମାନ୍ ମାନଙ୍କୁ ଏହି ଦୁଇଟି ମୂଳ ଶିକ୍ଷାକୁ ପୁରା କରିବା ପାଇଁ ତାଲିମ୍ ଦେଇଛି । ପବିତ୍ର କୋରାନ୍‌ର ପ୍ରଥମ ସୋରାର ସର୍ବପ୍ରଥମ ଆୟତରେ ବର୍ଣ୍ଣନା ଅଛି ଯେ ଅଲ୍ଲାଃଙ୍କ ନାମ ସହିତ ଯିଏ ବହୁତ ମେହେରବାନ୍ (ଦୟାଳୁ) ଓ ଅତି କରୁଣାମୟ ଅଟନ୍ତି । ତା ପରେ ଦ୍ୱିତୀୟ ଆୟତରେ କୁହାଯାଉଛି ଯେ ଅଲ୍ଲାଃତାଲା ସାରା ସଂସାରର ମାଲିକ ଅଟନ୍ତି । ପୁଣି ତୃତୀୟ ଆୟତରେ ବର୍ଣ୍ଣନା କରାଯାଇଛି ଯେ ଅଲ୍ଲାଃତାଲା ଦୟାଳୁ ଏବଂ କୃପାଳୁ ଅଟନ୍ତି । ସୁତରାଂ ପବିତ୍ର କୋରାନ୍‌ର ପ୍ରାରମ୍ଭିକ ଆୟତରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ କେବଳ ମୁସଲ୍‌ମାନ ହିଁ ଅଲ୍ଲାଃତାଲାଙ୍କର ଅନୁଗ୍ରହ ପାଉନାହାଁନ୍ତି ବରଂ ସେ ତ ରବୁଲ୍ ଆଲ୍‌ମିନ୍ ଅଟେ । ସେ କେବଳ ମୁସଲ୍‌ମାନ୍‌ଙ୍କର ପାଳନକର୍ତା ନୁହଁନ୍ତି ବରଂ ଯେ ଇସାଇ, ୟୁହୁଦି, ହିନ୍ଦୁ ଓ ଶିଖ୍ ଏବଂ ପ୍ରତ୍ୟେକ ବିଶ୍ୱାସକାରୀଙ୍କର

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan